

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୯ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 19 FEBRUARY 2025

Vol.No. 36 ■ No.48 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ସିବିଆଇ ଅଧିକାରୀ-ବିଷ୍ଣୁପଦ ମୁହାଁମୁହିଁ

ଭୁବନେଶ୍ୱର, ୧୮/୦୨ : (ନି.ପ୍ର) ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ ଲାଞ୍ଚ ଅଭିଯୋଗ ମାମଲାରେ ପୁଣିଥରେ ରାଜ୍ୟରେ ସକ୍ରିୟ ହୋଇଛି ସିବିଆଇ। ପାଖାପାଖି ଦୁଇ ମାସ ପରେ ଆଇଏଏସ ବିଷ୍ଣୁପଦ ସେଠୀଙ୍କ ସରକାରୀ ବାସଭବନରେ ଚଢ଼ାଉ କରିଛନ୍ତି ସିବିଆଇର ୮ଜଣିଆ ଟିମ୍। ବିଷ୍ଣୁପଦଙ୍କୁ ଦୀର୍ଘ ସମୟ ଧରି ପଚରାଉଚୁରା କରିବା ସହ ବିଭିନ୍ନ ତଥ୍ୟ ସଂଗ୍ରହ କରିଛନ୍ତି ଓ ସିବିଆଇ ଅଧିକାରୀ-ବିଷ୍ଣୁପଦ ମୁହାଁମୁହିଁ ହୋଇଛନ୍ତି । ମଙ୍ଗଳବାର ସକାଳୁ ସକାଳୁ ସିବିଆଇ ଅଧିକାରୀ ବିଷ୍ଣୁପଦଙ୍କ ଘରେ ଚଢ଼ାଉ କରିବା ପରେ, ଦେଖିବାକୁ ମିଳିଥିଲା ହାଇଡ୍ରାମା। ଗଣମାଧ୍ୟମ କ୍ୟାମେରା ସାମନାରେ ବିଷ୍ଣୁପଦ ଓ ସିବିଆଇ ଅଧିକାରୀ ମୁହାଁମୁହିଁ ହୋଇଥିଲେ। ବିଷ୍ଣୁପଦ ଦଳିତ କାର୍ଡ ଖେଳିବା ସହ ସେ କୌଣସି ଦୁର୍ନୀତି କରିନାହାନ୍ତି ବୋଲି କହିଛନ୍ତି। ଏଥିସହ ବିନା ଏଫଆଇଆରରେ ସିବିଆଇ ଚଢ଼ାଉ କରିଥିବା ବିଷ୍ଣୁପଦ ଅଭିଯୋଗ କରିଛନ୍ତି । ତାଙ୍କ ପତ୍ନୀ ମଧ୍ୟ ତାଙ୍କୁ ସପୋର୍ଟ ଦେବାକୁ ଆଗେଇ ଆସିଛନ୍ତି। ଅନ୍ୟପଟେ ଅଭିଯୋଗକୁ ଖଣ୍ଡନ କରିବା ସହ ତଦନ୍ତରେ ସହଯୋଗ କରିବାକୁ ବିଷ୍ଣୁଙ୍କୁ ଅପିଲ କରିଛନ୍ତି ସିବିଆଇ ଅଧିକାରୀ। ଏସବୁ ଭିତରେ ବିଷ୍ଣୁ ସେଠୀ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି। ତାଙ୍କୁ ନ ଜଣାଇ ତାଙ୍କ ବାସଭବନରେ ସିବିଆଇ ଅଚାନକ ରେଡ୍ କରିଥିବା ଦର୍ଶାଇଛନ୍ତି। ଏପରିକି ସେ ତାଙ୍କ ପଦରୁ ଇସ୍ତଫା ଦେଉଛନ୍ତି ବୋଲି ମଧ୍ୟ ଉଲେଖ କରିଛନ୍ତି ବିଷ୍ଣୁ। ରାଷ୍ଟ୍ର ବ୍ରିଜ୍ ଆଣ୍ଡ୍ ରୁଫ୍ କର୍ପୋରେସନ ଲାଂଚ ଅଭିଯୋଗ ମାମଲାରେ ଡିସେମ୍ବର ମାସରେ ବିଷ୍ଣୁଙ୍କୁ ସମନ କରିଥିଲା ସିବିଆଇ ।

ମୋର ଅସହମତି ସତ୍ତ୍ୱେ ରାତି ଅଧରେ ସିଇସିର ଚୟନ କରାଯିବା ଅପମାନଜନକ : ରାହୁଲ ଗାନ୍ଧି

ନୂଆଦିଲ୍ଲୀ, ୧୮/୨ : - ଲୋକସଭାରେ ବିରୋଧି ଦଳର ନେତା ରାହୁଲ ଗାନ୍ଧି କହିଛନ୍ତି ଯେ, ନିର୍ବାଚନ ଆୟୁକ୍ତର ଚୟନ କରାଯିବା ନିମନ୍ତେ ଗଠିତ ସମିତିର ବୈଠକରେ ସୋମବାର ସେ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି)ର ଚୟନ ପ୍ରକ୍ରିୟା ଉପରେ ଅସହମତି ବ୍ୟକ୍ତ କରିଥିଲେ । ଏହା ସତ୍ତ୍ୱେ ରାତି ଅଧରେ ଯେଉଁଭଳି ଭାବରେ ସିଇସି ର ଚୟନ କରାଗଲା, ତାହା ଅତ୍ୟନ୍ତ ଅପମାନଜନକ ଏବଂ ଅଶିଷ୍ଟତାପୂର୍ଣ୍ଣ ଅଟେ । ରାହୁଲ ଗାନ୍ଧି ଆଜି ଏକ ବୟାନରେ କହିଛନ୍ତି ଯେ, ଆଗାମୀ ନିର୍ବାଚନ ଆୟୁକ୍ତଙ୍କ ଚୟନ କରିବାକୁ ଥିବା ସମିତିର ବୈଠକ ସମୟରେ ମୁଁ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କୁ ଏକ ଅସହମତି ପତ୍ର ପ୍ରଦାନ କରିଥିଲି । ଏଥିରେ କୁହାଯାଇଥିଲା ଯେ, କାର୍ଯ୍ୟକାରୀ ହସ୍ତକ୍ଷେପରୁ ମୁକ୍ତ ଏକ ସ୍ୱତନ୍ତ୍ର ନିର୍ବାଚନ ଆୟୋଗର ସବୁଠୁ ମୌଳିକ ଦିଗ ନିର୍ବାଚନ ଆୟୁକ୍ତ ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତର ଚୟନ ପ୍ରକ୍ରିୟା ଅଟେ । ଏହା ବ୍ୟତୀତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଙ୍ଘନ କରି ଏବଂ ଭାରତର ମୁଖ୍ୟ ବିଚାରପତିଙ୍କୁ କମିଟିରୁ ହଟାଇ ମୋଦୀ ସରକାର ଆମର ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତା ଉପରେ କୋଟି କୋଟି ମତଦାତା ମାନଙ୍କ ଚିନ୍ତାକୁ ଆହୁରି ବଢାଇ ଦେଇଛନ୍ତି ।

ଜ୍ଞାନେଶ କୁମାର ହେବେ ନୂତନ ମୁଖ୍ୟ ନିର୍ବାଚନ କମିଶନର

ନୂଆଦିଲ୍ଲୀ , ୧୮/୨:-ଜ୍ଞାନେଶ କୁମାର ଦେଶର ନୂତନ ମୁଖ୍ୟ ନିର୍ବାଚନ କମିଶନର ହେବେ। ସେ ରାଜୀବ କୁମାରଙ୍କ ସ୍ଥାନ ନେବେ।ଆଇନ ମନ୍ତ୍ରାଳୟ ଏହି ସମ୍ବନ୍ଧରେ ବିଜ୍ଞପ୍ତି ଜାରି କରିଛନ୍ତି। ରାଜୀବ କୁମାରଙ୍କ କାର୍ଯ୍ୟକାଳ ଆଜି ସମାପ୍ତ ହୋଇଛି। ଗତବର୍ଷ ମାର୍ଚ୍ଚରେ ନିର୍ବାଚନ କମିଶନର ଭାବରେ ନାମିତ ହୋଇଥିବା ଜ୍ଞାନେଶ କୁମାର ଦେଶର ପରବର୍ତ୍ତୀ ମୁଖ୍ୟ ନିର୍ବାଚନ କମିଶନର ହେବେ। ସେ ଏହି ବର୍ଷ ଶେଷରେ ବିହାର ବିଧାନସଭା ନିର୍ବାଚନ ଏବଂ ଆସନ୍ତା ବର୍ଷ ବଙ୍ଗାଳ, ଆସାମ ଏବଂ ତାମିଲନାଡୁରେ ହେବାକୁ ଥିବା ନିର୍ବାଚନର ତଦାରଖ କରିବେ।ଏହା ସହିତ ୨୦୨୭ରେ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ କାର୍ଯ୍ୟକାଳରେ ରହିବେ।

କିଟ୍ ମାମଲାର ହେବ ଉଚ୍ଚସ୍ତରୀୟ ତଦନ୍ତ : ନିରପେକ୍ଷ ତଦନ୍ତ କରିବ କମିଟି

ଭୁବନେଶ୍ୱର, ୧୮/୦୨ : (ନି.ପ୍ର) କିଟ୍ କଲେଜ୍‌ରେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟାକୁ ନେଇ ନ୍ୟାୟ ଦାବି କରିଛନ୍ତି ମୃତ ଛାତ୍ରୀଙ୍କ ବାପା । କହଛନ୍ତି ଓଡ଼ିଶା ପୋଲିସ ଓ ଏଠାକାର ନାୟିକ ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ଭରସା ଅଛି । ଝିଅ ମୃତ୍ୟୁ ପାଇଁ ତାଙ୍କୁ ନିଶ୍ଚିନ୍ତ ନ୍ୟାୟ ମିଳିବ । କିଟ୍ ମାମଲାର ତଦନ୍ତ ପାଇଁ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିଛନ୍ତି ରାଜ୍ୟ ସରକାର । କମିଟିରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମହିଳା ବିଭାଗର ପ୍ରମୁଖ ସଚିବ ଓ ଉଚ୍ଚଶିକ୍ଷା ସଚିବଙ୍କ ଏଥିରେ ସାମିଲ କରାଯାଇଛି । ଘଟଣାର ନିରପେକ୍ଷ ତଦନ୍ତ କରିବ କମିଟି । ପ୍ରେମ, ପ୍ରତାରଣାକୁ ନେଇ କିଟ୍ ଛାତ୍ରୀ ଆତ୍ମହତ୍ୟା କରିଥିବା ଅଭିଯୋଗ ପରେ ତାଙ୍କ ପୁରୁଷ ବନ୍ଧୁକୁ ଗିରଫ କରାଯାଇଛି । ଅନ୍ୟପକ୍ଷରେ ମୃତ ଛାତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଏମ୍ସରେ ରହିଛି । ଛାତ୍ରୀ ମୃତ୍ୟୁକୁ ନେଇ ଗତକାଲି କଲେଜ କ୍ୟାମ୍ପସରେ ବ୍ୟାପକ ଉତ୍ତେଜନା ଦେଖିବାକୁ ମିଳିଥିଲା । ନେପାଳୀ ଛାତ୍ରଛାତ୍ରୀମାନେ କଲେଜ କ୍ୟାମ୍ପସରେ ବ୍ୟାପକ ଭଙ୍ଗାରୁଜା କରିଥିଲେ । ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନେପାଳୀ ଛାତ୍ରଛାତ୍ରୀଙ୍କ ପାଇଁ କଲେଜରେ ସାଇନ-ଏ-ଡାଏ ଘୋଷଣା କରାଯାଇଛି । ଆଜି ଏ ବାବଦରେ ୫ଜଣଙ୍କୁ ଗିରଫ କରାଯିବା ପରେ ଜାମିନରେ ଛଡାଯାଇଛି । କାଲି ଜବରଦସ୍ତ କଲେଜରୁ ଘରକୁ ପଠେଇ ଦିଆଯାଇଥିବା ଛାତ୍ରଛତ୍ରୀମାନଙ୍କୁ ଫେରିଆସିବାକୁ କଲେଜ ପକ୍ଷରୁ କୁହାଯାଇଛି ।

ଆଗାମୀ ୭ଦିନ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାରେ କୋହଲା ପବନ ସାଙ୍ଗକୁ ବଜ୍ରପାତ ସମ୍ଭାବନା

ଭୁବନେଶ୍ୱର, ୧୮ ଫେବୃଆରୀ (ହି.ସ.)- ଆଗାମୀ ୨୪ ଘଂଟା ପର୍ଯ୍ୟନ୍ତ କୌଣସି ଚେତାବନୀ ନଥିବା ବେଳେ୧୯ ତାରିଖ ସକାଳ ଠାରୁ ୨୩ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାରେ କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଏଥିସହ ଆଗାମୀ ୭ ଦିନ କେତେକ ସ୍ଥାନରେ ବର୍ଷା ଓ ଥଣ୍ଡାପାଗ ଅନୁଭୂତ ହେବାର ସମ୍ଭାବନା ରହିଛି ।

୧୯ ତାରିଖ ସକାଳ ଠାରୁ ୨୦ ତାରିଖ ସକାଳ ପର୍ଯ୍ୟନ୍ତ କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ଚେତାବନୀ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର ଏବଂ ଯାଜପୁର । ୨୦ ତାରିଖ ସକାଳ ଠାରୁ ୨୧ ତାରିଖ ସକାଳ ପର୍ଯ୍ୟନ୍ତ କୋହଲା

▶▶ପୃଷ୍ଠା ୭

କତରର ଅମୀରଙ୍କୁ ଭବ୍ୟ ସ୍ୱାଗତ,ରାଷ୍ଟ୍ରପତି ଭବନରେ ଦିଆଗଲା ଗାର୍ଡ ଅଫ ଅନର

ନୂଆଦିଲ୍ଲୀ, ୧୮/୨ :-ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର କତରର ଅମିର ଶେଖ ତମୀମ ବିନ ହମଦ ଅଲ ଥାନୀଙ୍କୁ ରାଷ୍ଟ୍ରପତି ଭବନରେ ଆନୁଷ୍ଠାନିକ ଭାବରେ ସ୍ୱାଗତ କରିଛନ୍ତି।ରାଷ୍ଟ୍ରପତି ଭବନର ପ୍ରାଙ୍ଗଣରେ ଆୟୋଜିତ ସମାରୋହରେ ତାଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରି ଆନୁଷ୍ଠାନିକ ସ୍ୱାଗତ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରପତି ଭବନର ପ୍ରାଙ୍ଗଣରେ କତରର ଅମୀର ଶେଖ ତମୀମୀ ବିନ ହମଦ ଅଲ ଥାନୀଙ୍କୁ ସ୍ୱାଗତ କରାଯାଇଛି।ଏହାପରେ ତାଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଛି। ବିଦେଶ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜାୟସୱାଲ ଏକ୍ସରେ ପୋଷ୍ଟ କରି କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କତରର ଅମୀର ଶେଖ ତମୀମ ବିନ ହମଦ ଅଲ-ଥାନୀଙ୍କ ଭାରତକୁ ରାଜକୀୟ ଗ୍ରସ୍ତରେ ସ୍ୱାଗତ କରାଯାଇଛି। ଅମୀର ଶେଖ ତମୀମ ବିନ ହମଦଙ୍କୁ ରାଷ୍ଟ୍ରପତି ଭବନ ପ୍ରାଙ୍ଗଣରେ ଆନୁଷ୍ଠାନିକ ସ୍ୱାଗତ ଏବଂ ଗାର୍ଡ ଅଫ ଅନର ଦିଆଯାଇଛି।

ସ୍ୱାମୀ ରାମକୃଷ୍ଣ ପରମହଂସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ପିଏମ ମୋଦୀ

ନୂଆଦିଲ୍ଲୀ, ୧୮/୨ :- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସ୍ୱାମୀ ରାମକୃଷ୍ଣ ପରମହଂସଙ୍କୁ ତାଙ୍କ ଜନ୍ମ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପ୍ରଧାନମନ୍ତ୍ରୀ ସୋଶିଆଲ ମିଡିଆ ପ୍ଲାଟଫର୍ମ ଏକ୍ସର ଏକ ବାର୍ତ୍ତାରେ କହିଛନ୍ତି ସମସ୍ତ ଦେଶବାସୀଙ୍କ ତରଫରୁ ସ୍ୱାମୀ ରାମକୃଷ୍ଣ ପରମହଂସ ଜୀଙ୍କୁ ତାଙ୍କ ଜନ୍ମ ଜୟନ୍ତୀରେ ଶତ ଶତ ପ୍ରଣାମ କରୁଛୁ। ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସରେ ସେୟାର କରାଯାଇଥିବା ଏକ ଭିଡିଓରେ କହିଛନ୍ତି, ସ୍ୱାମୀ ରାମକୃଷ୍ଣ ପରମହଂସ ଏକ ଏପରି ସନ୍ଥ ଥିଲେ ଯିଏକି ମାତା କାଳୀଙ୍କ ସ୍ପଷ୍ଟ ଦର୍ଶନ ପାଇଥିଲେ।ଯିଏ ମାତା କାଳୀଙ୍କ ଚରଣରେ ନିଜର ସବୁକିଛି ଉତ୍ସର୍ଗ କରିଦେଇଥିଲେ।ସେ କହିଥିଲେ ଯେ ସମଗ୍ର ଜଗତ ଏବଂ ସବୁକିଛି ମାଙ୍କ ଚେତନା ଦ୍ୱାରା ବ୍ୟାପିଛି।ଏହି ଚେତନା ବଙ୍ଗଳାର କାଳୀପୂଜାରେ ଥିଲା।ଏହି ଚେତନା ବଙ୍ଗାଳ ଏବଂ ସମଗ୍ର ଭାରତର ବିଶ୍ୱାସରେ ମଧ୍ୟ ଅଛି।ଏହି ଚେତନା ଏବଂ ଶକ୍ତିର ଏକକୁଞ୍ଜକୁ ସ୍ୱାମୀ ବିବେକାନନ୍ଦ ଭଳି ଯୁଗ ପୁରୁଷ ଭାବରେ ସ୍ୱାମୀ ରାମକୃଷ୍ଣ ପରମହଂସ ପ୍ରଦୀପ୍ତ କରିଥିଲେ।ମୁଁ ଗୁରୁଦେବ ରାମକୃଷ୍ଣ ପରମହଂସ ଜୀଙ୍କୁ ତାଙ୍କ ଶ୍ରୀ ଚରଣରେ ପ୍ରଣାମ କରୁଛି।

ସାରସ୍ୱତ ସାଧକ ଜଗନ୍ନାଥ ପ୍ରଧାନଙ୍କ ୮୬ ତମ ଜନ୍ମ ଜୟନ୍ତୀ ପାଳିତ

ବାଲିଆପାଳ,୧୮/୨(ନି.ପ୍ର) ବାଲିଆପାଳ ପୂଜ୍ୟପୂଜା ସଂସଦ ପକ୍ଷରୁ ବାଲିଆପାଳ ବ୍ଲକର ଅନନ୍ୟ ପ୍ରତିଭା, ସାରସ୍ୱତ ସାଧକ, କବି, ଶିକ୍ଷାବିତ, ଆଧ୍ୟାତ୍ମିକତାବାଦି ବ୍ୟକ୍ତିତ୍ୱ ତଥା ଲେଖକ ଜଗନ୍ନାଥ ପ୍ରଧାନଙ୍କ ୮୬ ତମ ଜନ୍ମ ଜୟନ୍ତୀ ବାଲିଆପାଳ ସତସଙ୍ଗ କେନ୍ଦ୍ର ପରିସରରେ ପାଳିତ ହୋଇଯାଇଛି। ବାଲିଆପାଳ ପୂଜ୍ୟପୂଜା ସଂସଦର ସଭାପତି ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦୈନିକ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡା ଯୋଗଦେଇ ଜଗନ୍ନାଥ ପ୍ରଧାନ ବାଲିଆପାଳ ବ୍ଲକର ଜଣେ ଅନନ୍ୟ ପ୍ରତିଭା। ୮୬ ବର୍ଷ ବୟସରେ ମଧ୍ୟ ତାଙ୍କର ଲେଖନୀକୁ ଟାଣ କରି ଲେଖା ଜାରି ରଖି ବିଭିନ୍ନ ପ୍ରକାରର ୧୮ ଖଣ୍ଡ ପୁସ୍ତିକା ପ୍ରକାଶ କରି ସାରିଲେଣି। ବହୁ ଅନୁଷ୍ଠାନର ସେ ହେଉଛନ୍ତି ସ୍ରଷ୍ଟା। ଆଜି ତାଙ୍କ ଜୟନ୍ତୀରେ ତାଙ୍କର ଦୀର୍ଘାୟୁ କାମନା କରିଥିଲେ। ମୁଖ୍ୟ ବକ୍ତା ଭାବେ କବି ଡ଼ଃ କାଳିପଦ ପଣ୍ଡା ଜଗନ୍ନାଥ ପ୍ରଧାନଙ୍କ ବହୁମୁଖୀ ପ୍ରତିଭା ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ କବି ବ୍ରଜେନ୍ଦ୍ର ନାଥ ଗିରି, ଅଧ୍ୟାପକ ଦୟାନିଧି ସାହୁ, ଜଗନ୍ନାଥ ପ୍ରଧାନଙ୍କ ଧର୍ମପତ୍ନୀ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ସଙ୍କରିମଣି ପ୍ରଧାନ, ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, ଫାର୍ମାସିଷ୍ଟ ତଥା କବି ସରୋଜ କୁମାର ଦାସ ପ୍ରମୁଖ ଯୋଗଦେଇ ଜଗନ୍ନାଥ ପ୍ରଧାନଙ୍କ ନିରାମୟ ଜୀବନ ଯାପନ ଉପରେ ଭଗବାନଙ୍କ ଆଶିଷ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ପ୍ରତାପ ପାତ୍ର, କବି ତଥା ଶିକ୍ଷକ ନଳିନୀ କାନ୍ତ ପାଢ଼ୀ, କବୟିତ୍ରୀ ତଥା ଶିକ୍ଷୟିତ୍ରୀ ସ୍ନେହଲତା ନାୟକ, ଅବସର ପ୍ରାପ୍ତ ଶିକ୍ଷକ ଅମରେଶ ସାହୁ, କବୟିତ୍ରୀ ସୁଜାତା ରଣା, କବି ସଚିନ୍ଦ୍ର ନାଥ ନନ୍ଦୀ, ସାମ୍ବାଦିକ ଦିଲ୍ଲୀପ କୁମାର ଦାସ, ପ୍ରକାଶ ଚନ୍ଦ୍ର ପ୍ରଧାନ, କବି ବିଜୟ ପାତ୍ର, ସାମ୍ବାଦିକ ବୀରମାଧବ ଦାସ, ହରେକୃଷ୍ଣ ଦାସ ପ୍ରମୁଖ ଯୋଗଦେଇ ଜଗନ୍ନାଥ ପ୍ରଧାନଙ୍କ ଦୀର୍ଘଦିନର ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିବା ସହିତ ତାଙ୍କ ନିରାମୟ ଦିର୍ଘାୟୁ କାମନା କରିଥିଲେ। କବି ଶିକ୍ଷକ ଅର୍ଧେନ୍ଦୁ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଶେଷରେ କେକ କାଟି ଜୟନ୍ତୀକୁ ପାଳନ କରାଯାଇ ଥିଲା। ଏତଦ୍ ବ୍ୟତିତ ତାଙ୍କ ଦୁଇ ଝିଆରୀ, ଜୋଇଁ ନାତୁଣୀ ତଥା ପରିବାରର ଅନ୍ୟ ସମସ୍ତେ ଏବଂ ଗୁରୁ ଭାଇ ଭଉଣୀ ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

କାନାଡାରେ ବିମାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଯାତ୍ରୀ, ଲ୍ୟାଣ୍ଡିଂ ସମୟରେ ଓଲଟିଲା ବିମାନ

ଟୋରଂଟୋ, ୧୮/୨ :- କାନାଡାରେ ଟୋରଂଟୋ ପିୟର୍ସନ ବିମାନବନ୍ଦରରେ ସୋମବାର ଦିନ ଡେଲ୍ଟା ଏୟାରଲାଇନ୍ସର ବିମାନ ଲ୍ୟାଣ୍ଡିଙ୍ଗ ସମୟରେ ଓଲଟି ପଡିଛି।ଏହି ବିମାନଟି ରନୱେରେ ଓଲଟି ପଡିଛି।ଆଶ୍ୱସ୍ତିକର ଖବର ଏହା କି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି।ସାମାନ୍ୟ ଭାବରେ ଆହତ ୧୮ ଯାତ୍ରୀଙ୍କୁ ଡାକ୍ତରଖାନା ପଠାଯାଇଛି।ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ,ବର୍ତ୍ତମାନ ଏହାର ତଦନ୍ତ ଚାଲିଛି।ଟୋରଂଟୋ ଷ୍ଟାର ରିପୋର୍ଟ କରିଛି ଯେ ପିୟର୍ସନ ବିମାନ ବନ୍ଦରରେ ସୋମବାର ଦିନ ଡେଲ୍ଟା ଏୟାରଲାଇନ୍ସର ବିମାନ ଲ୍ୟାଣ୍ଡିଙ୍ଗ ସମୟରେ ଓଲଟିପଡିଥିଲା।ଦୁର୍ଘଟଣା ମଧ୍ୟାହ୍ନ ୨.୧୫ସମୟରେ ଘଟିଛି।ଦୁର୍ଘଟଣାଗ୍ରସ୍ତ ବିମାନରେ ୭୬ ଯାତ୍ରୀ ଏବଂ ୬ ଜଣ ଦଳର ୪ ସଦସ୍ୟ ଥିଲେ।ଦୁର୍ଘଟଣାରେ ସାମାନ୍ୟ ଭାବରେ ଆହତ ହୋଇଥିବା ୧୮ ବିମାନ ଯାତ୍ରୀଙ୍କୁ ଡାକ୍ତରଖାନା ନିଆଯାଇଛି।ଯାତ୍ରୀଙ୍କ ମଧ୍ୟରେ ୨୨ କନାଡା ନାଗରିକ ଏବଂ ଅନ୍ୟମାନେ ବିଦେଶୀ ନାଗରିକ ଥିଲେ।

ରାଜ୍ୟସ୍ତରୀୟ ରାସାୟନିକ ପଦାର୍ଥ ଜନିତ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ସମନ୍ୱୟ ଏବଂ ଆଭିମୁଖ୍ୟ ସମ୍ମିଳନୀ

ସମ୍ବଲପୁର, ୧୮/୨ (ନି.ପ୍ର): - ରାଜ୍ୟ ସ୍ତରୀୟ ରାସାୟନିକ ପଦାର୍ଥ ଜନିତ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ସମନ୍ୱୟ ଏବଂ ଆଭିମୁଖ୍ୟ ସମ୍ମିଳନୀ ବୈଠକ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସମ୍ବଲପୁର ଜିଲ୍ଲା ରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଇଶ୍ୱର ଚନ୍ଦ୍ର ନାଏକ, ଗୀତାଞ୍ଜଳି ସା ଙ୍କ ସମେତ ପ୍ରଶାସନିକ ଅଧିକାରୀ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । ଏହି ବୈଠକରେ ମ୍ୟାନେଜର, ଟ୍ରେନିଂ ଆଣ୍ଡ କୋର୍ଡିନେଶନ, ଓଡିଶା ସରକାର-ଶ୍ରୀ ସୁନିଲ କୁମାର ସାହୁ, ଅବସରପ୍ରାପ୍ତ କମାଂଡାଂଟ ସିନିୟର କନ୍ସଲଟାନ୍ଟ(ଏମଇଆଇଆରଏସ)ଏନ.ଡ଼ି.ଏମ.ଏ- ଶ୍ରୀ ଆଦିତ୍ୟ କୁମାର ମକ୍ ଅଭ୍ୟାସର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ପର୍ଯ୍ୟାୟକ୍ରମେ କାର୍ଯ୍ୟକଳାପ, ଓରିଏଂଟେସନ୍ ଓ ସମନ୍ୱୟ ସମ୍ମିଳନୀ, ଟେବଲ ଟପ୍ ଅଭ୍ୟାସ, ମକ୍ ଅଭ୍ୟାସ, ତଥ୍ୟ, ବିପର୍ଯ୍ୟୟ ମୁକାବିଲା ପ୍ରଣାଳୀ, ସୂଚନା ଆଦାନ ପ୍ରଦାନ, ଉପରେ ଆଲୋଚନା କରିଥିଲେ ।

ଏହି ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜରୁରୀକାଳୀନ ପରିସ୍ଥିତିରେ କିପରି ବିପର୍ଯ୍ୟୟ ସହିତ ମୁକାବିଲା କରିବା । ଶିକ୍ଷା ଓ ଅଭ୍ୟାସ ମାଧ୍ୟମରେ ବିପର୍ଯ୍ୟୟ ମୁକାବିଲା କରିବାର କ୍ଷମତାକୁ ବୃଦ୍ଧି କରିବା ।

ଭଦ୍ରକ-ଆରଡ଼ି ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ, ସରୁନି ରାସ୍ତା କାମ

ଭଦ୍ରକ, ୧୮/୨ (ନି.ପ୍ର): - ପ୍ରସିଦ୍ଧ ଶୈବପୀଠ ଭଦ୍ରକ ଜିଲ୍ଲାର ର ଆରଡ଼ି ର ବାବା ଆଖଣ୍ଡଳମଣୀ ଙ୍କ ଜାଗର ଯାତ୍ରା ଆଉ ମାତ୍ର କିଛିଦିନ ରହିଲା । ଏ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ବେବସ୍ଥା ସରିଛି ମାତ୍ର ମନ୍ଦିର କୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତା ଏବେ ବିପର୍ଯ୍ୟସ୍ତ୍ ହୋଇ ପଡ଼ିଛି ।ସେଥିମଧ୍ୟରୁ ଭଦ୍ରକ - ଆରଡ଼ି ରାସ୍ତା ଅନ୍ୟତମ । ଦିର୍ଘଦିନ ହେବ ରାସ୍ତା ନିର୍ମାଣ ଓ ମରାମତି ଚାଲି ଥିଲେ ମଧ୍ୟ ଏ ଯାଏ କାର୍ଯ୍ୟ ସରୁନି । ଉକ୍ତ ରାସ୍ତା ର । ପାଳସାହି ପଂଚାୟତର ତେଲିପାଟଣା ଛକ ନିକଟରେ ଏକ ପୋଲର ଦକ୍ଷିଣ ପାର୍ଶ୍ୱରେ ବିରାଟ ଗର୍ତ ସୃଷ୍ଟି ହୋଇଛି । ଏଠାରେ ଦୁର୍ଘଟଣା ହେବାର ସମ୍ଭାବନା ରହିଛି । ଦୈନନ୍ଦିନ ଉକ୍ତ ରାସ୍ତା ଦେଇ ଶହଶହ ଗାଡି ଯାତାୟତ କରୁଛି । ଏଥି ସହିତ ମହା ଶିବରାତ୍ରି ପୂର୍ବରୁ ଜିଲା ପ୍ରଶାସନିକ ଅଧିକାରୀ, ପୂର୍ତ ବିଭାଗ ଅଧିକାରୀ, ମନ୍ତ୍ରୀ, ରାଜନେତା ଆରଡି ପୀଠକୁ ଯାତାୟତ କରୁଥିଲେ ବି ଏହି ଗର୍ତ ଉପରେ କିପରି ସେମାନଙ୍କ ନଜର କିପରି ପଡୁନି ସାଧାରଣରେ ଏହା ଆଶ୍ଚର୍ଯ୍ୟ ପ୍ରକଟ କରିଛି । ଏତଦ ବ୍ୟତିତ ସ୍ଥାନୀୟ ଅଂଚଳରେ ଶହଶହ ମାଲବାହୀ ଗାଡି, ଟ୍ରାକ୍ଟର, ଅଟୋରିକ୍ସା, ବାଇକ ମଧ୍ୟ ଯା ଆସ କରୁଛି । ଗୃହପାଳିତ ପଶୁ ମଧ୍ୟ ଏହି ଗର୍ତରେ ପଡି ଜୀବନ ହରାଇବାର ସମ୍ଭାବନାକୁ ଏଡାଇ ଦିଆ ଯାଇ ନପାରେ । ତୁରନ୍ତ ଏହି ସ୍ଥାନରେ ସୂଚନା ଫଳକ ଲଗାଯାଇ ଶିବରାତ୍ରି ପୂର୍ବରୁ ଏହାକୁ ମରାମତି କରିବା ନେଇ ସ୍ଥାନୀୟ ଜନ ସାଧାରଣ ଦାବି କରିଛନ୍ତି । ଏ ସମ୍ପର୍କରେ ପୂର୍ତ ବିଭାଗ ଏସ.ଇ. ଦେବୀ ପ୍ରସାଦ ଘୋଷ ଙ୍କୁ ପଚାରିବାରୁ ଉକ୍ତ ଗର୍ତ ତାଙ୍କ ନଜରକୁ ଆସି ନାହିଁ । ଖୁବ ଶୀଘ୍ର ଏହାର ମରାମତି କରାଯିବ ବୋଲି ସେ କହିଛନ୍ତି । ସୁଚନା ଥାଉକି ଶିବରାତ୍ରି ପାଇଁ ଉକ୍ତ ରାସ୍ତା ଟି ଚଳ ଚଂଚଳ ଥିବା ବେଳେ ଉକ୍ତ ରାସ୍ତା ଅବସ୍ଥା ରେ ସାଧାରଣ ରେ ଅସନ୍ତୋଷ ଦେଖାଦେଇଛି ।

ପଂଚାୟତ ଉଚ୍ଚ ବିଦ୍ୟାଳୟ, ବନ୍ଧପଡ଼ାରେ ବାର୍ଷିକ ଉତ୍ସବ ସମାରୋହ

ବଲାଙ୍ଗୀର, ୧୮/୨ (ନି.ପ୍ର): ପୁଇଁତଲା ବ୍ଲକ ଅନ୍ତର୍ଗତ ପଂଚାୟତ ଉଚ୍ଚ ବିଦ୍ୟାଳୟ, ବନ୍ଧପଡାରେ ବାର୍ଷିକ ଉତ୍ସବ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଖେଳ ଶିକ୍ଷକ ପ୍ରବୀଣ ନାରାୟଣ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ହରିହର ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଅଶୋକ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଂକୁ ନିଜର ଲକ୍ଷ୍ୟ ଦିଗରେ କାମ କରିବା ସହ ଭଲ ପାଠ ପଢିବା ସାଙ୍ଗେ ସାଙ୍ଗେ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ପୂର୍ବତନ ବିଜ୍ଞାନ ଶିକ୍ଷକ ତଥା ସାଧନକର୍ମୀ ଶିବପ୍ରସାଦ ତ୍ରିପାଠୀ ଜିଜ୍ଞାସା ହେଉଛି ସଫଳତାର ଚାବିକାଠି ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଗ୍ରାମର ବରଷ୍ଠ ନାଗରିକ ମିତ୍ରଭାନୁ ପଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକୃତିବନ୍ଧୁ ଆନନ୍ଦ ବଡ଼ପଣ୍ଡା ଶିଶୁମାନଙ୍କ ଭିତରେଥିବା ଅନ୍ତର୍ନିହିତ ଶକ୍ତିର ବିକାଶରେ ଏହି ବାର୍ଷିକ ଉତ୍ସବ ସାହାଯ୍ୟ କରିବ ବୋଲି ମତ ପ୍ରକାଶ କରିଥିଲେ । ତର୍କ, ସଂଗୀତ, ଗଳ୍ପ ଲିଖନ, କୁଇଜ୍, ମ୍ୟୁଜିକ ଚୌକି, ଚିତ୍ରାଙ୍କନ ଇତ୍ୟାଦି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ ଓ ଏହି କାର୍ଯ୍ୟକ୍ରମକୁ ନୂତନ ଶିକ୍ଷକଶିକ୍ଷୟତ୍ରୀ ପରିଚାଳନା କରିଥିଲେ । ପୁଣି ବିଦ୍ୟାଳୟରେ ନୂତନଭାବେ ଯୋଗଦେଇଥିବା ଶିକ୍ଷକଶିକ୍ଷୟତ୍ରୀ ଯଥା ନିଲାମ୍ବର ନନ୍ଦ, ଶ୍ରୀମାସୁତା ମଲ୍ଲିକ, ଅପର୍ଣା ପଟେଲ ତଥା ମଞ୍ଜରୀ ସୁନାଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଜିତ କୁମାର ଗୁରୁ, ପବିତ୍ର ମୋହନ ପଧାନ ଓ ହାରିବଲ ପଧାନ ସହଯୋଗ କରିଥିଲେ । ସଭା ଶେଷରେ ଶିକ୍ଷୟିତ୍ରୀ ଅପର୍ଣା ପଟେଲ ଧନ୍ୟବାଦ ଦେଇଥିଲେ ।

୧୬ତମ ସର୍ବଭାରତୀୟ ରାମଧୂନ କପ ଫୁଟବଲ ଟୁର୍ଣ୍ଣାମେଂଟ ଉଦଘାଟିତ : ସଡନ୍ ଡେଥ ଗୋଲ୍‌ରେ କଟକ ମା ମଙ୍ଗଳା କ୍ଲବ୍ ବିଜୟୀ

ସୁବର୍ଣ୍ଣପୁର, ୧୮/୨ (ନି.ପ୍ର): ସୋନପୁର ରାମଧୂନ କ୍ଲବ ଆନୁକୂଲ୍ୟରେ ୧୬ତମ ସର୍ବଭାରତୀୟ ରାମଧୂନ କପ ଫୁଟବଲ ଟୁର୍ଣ୍ଣାମେଂଟ ଆଜି ଉଦଘାଟିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖେଳର ଉଦଘାଟନ କରିବା ସହ ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବରେ ଓଡ଼ିଶା ସାମ୍ବାଦିକ ସଂଘ ରାଜ୍ୟ ସଭାପତି ଶ୍ରୀ ଶଶି ଭୂଷଣ ପ୍ରହରାଜ, ପୌର ପରିଷଦ ଅଧକ୍ଷା ତାମସି ତମସ୍ମିତା ନାଏକ, ପ୍ରାକ୍ତନ ପୌର ପରିଷଦ ଅଧକ୍ଷ କଇରୁ ସ୍ୱାଇଁ, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତରଞ୍ଜନ ମିଶ୍ର, ଜିଲ୍ଲା କ୍ରିଡ଼ା ସଂଘ ଉପ ସଭାପତି ଚିତରଞ୍ଜନ ତରାସିଆ, ବିଜେପି ନଗର ସଭାପତି ସୁରେଶ୍ ବିଶ୍ୱାଳ, କାଉନସିଲର ସୁକାନ୍ତ ସାହୁ ଓ ସମସ୍ତ ଫୁଟବଲ୍ ଟିମର ପ୍ରାୟୋଜକ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ କ୍ଷ ରାମଧୂନ କ୍ଲବର ସମ୍ପାଦକ ପୀୟୂଷ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାକୁ ଆୟୋଜକ କ୍ଲବ୍ର ମିଡିଆ କୋର୍ଡ଼ିନେଟର ମନୋରଞ୍ଜନ ତ୍ରୀପାଠୀ ସଂଯୋଜନା କରିଥିଲେ କ୍ଷ କୋଶଳ ଆବାସିକ ଉଚ୍ଚ ବିଦ୍ୟାଳୟର ଜୁନିଅର୍ ଛାତ୍ର ଓ ଆୟୋଜକ କମିଟି ରାମ ଧୁନ୍ କ୍ଲବ୍ ସଦସ୍ୟଙ୍କ ଦ୍ୱାରା ଜିଲ୍ଲାପାଳ, ସମସ୍ତ ଅତିଥି ଓ ଖେଳାଳୀଙ୍କୁ ଭବ୍ୟ ସ୍ୱାଗତ କରଯାଇଥିଲା କ୍ଷ ଶେଷରେ ବିକାଶ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ ।

ସ୍କୁଟିରେ ଗଞ୍ଜେଇ ଚୋରାଚାଲାଣ ବେଳେ ଦେଓଗାଁ ପୋଲିସ ଚଢ଼ାଉ

ବଲାଙ୍ଗୀର, ୧୮/୨ (ନି.ପ୍ର): ଶନିବାର ସକାଳେ ତୁଷୁରା ପଟରୁ ତୁଷୁରା ଛକ ଦେଇ ରେଳଷ୍ଟେସନ ଦିଗକୁ ଯାଉଥିବା ଏକ ଟିଭିଏସ୍ ସ୍କୁଟିରେ ଗଞ୍ଜେଇ ଯାଉଥିବା ନେଇ ଦେଓଗାଁ ଆଇଆଇସି ଖବର ପାଇବା ପରେ ସେଠାକୁ ପହଂଚି ସିମେଂଟ ରଙ୍ଗର ଏକ ଟିଭିଏସ୍ ସ୍କୁଟି (ସିଜି୦୪ପିଏନ୍ ୩୯୭୧) ଗାଡ଼ି ତୁଷୁରା ପାର୍ଶ୍ୱରୁ ଆସୁଥିବା ଦେଖି ସନ୍ଦେହ କରି ଅଟକ ରଖିଥିଲେ । ଏହି ସ୍କୁଟି ଚାଳକ ତୁଷୁରା ଛକ ଦେଇ ଦେଓଗାଁ ରେଳଷ୍ଟେସନ ଆଡ଼କୁ ଗଞ୍ଜେଇ ଚୋର ଚାଲାଣ କରୁଥିବା ସୂଚନା ପାଇବା ପରେ ବଲାଙ୍ଗିର ଏସ୍?ପିଙ୍କ ନିର୍ଦ୍ଦେଶରେ ଦେଓଗାଁ ଅତିରିକ୍ତ ତହସିଲଦାର ସୋମକେଶ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାଇକେନସିରା ଗାଁ ରାସ୍ତାରେ ଘେରାଉ କରି ସଂପୃକ୍ତ ବ୍ୟକ୍ତି ନୂଆପଡ଼ା ଜିଲ୍ଲା ଖରିଆର ଥାନା ଅନ୍ତର୍ଗତ ଭଜପୁର ଗାଁର ଭୋଦେବ ଭୋଇ(୨୫)କୁ ଗିରଫ କରିଥିଲେ । ସେହି ବ୍ୟକ୍ତି ନିକଟରୁ ୨୧କିଲୋ ୯୧୦ଗ୍ରାମ ଗଞ୍ଜେଇ ସହ ଟିଭିଏସ ସ୍କୁଟି ଏବଂ ଗୋଟିଏ ପୋକୋ ମୋବାଇଲ ଫୋନ ଜବତ କରିଥିବା ନେଇ ଦେଓଗାଁ ପୋଲିସ ପକ୍ଷରୁ ଦିଆଯାଇଥିବା ଏକ ପ୍ରେସ ବିବୃତିରେ ଦର୍ଶାଇଛନ୍ତି । ଏନେଇ ଦେଓଗାଁ ଥାନାରେ କେସ ନଂ ୫୩ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିଲା । ଏହି ଗିରଫ ମାମଲାରେ ଆଇଆଇସି ବୁଲୁ ମୁଣ୍ଡା, ଏଏସ୍ଆଇ ମନୋଜ ମିଶ୍ରଙ୍କ ସହ ସହକାରୀ ବାସୁଦେବ ବେହେରା, ଯୁଗଳ ବଗର୍ତି, ନିତ୍ୟାନନ୍ଦ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ରହିଥିଲେ ।

ଫୁଲବାଣୀରେ ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ

କନ୍ଧମାଳ, ୧୮/୨ (ନି.ପ୍ର): କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଆଜି ଗାନ୍ଧୀ ସ୍ମୃତି ଭବନ ଠାରେ ଆୟୋଜିତ ହୋଇଯାଇଛି । କନ୍ଧମାଳ ସାଂସଦ ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଶ୍ରମିକମାନେ ଦେଶ ବା ରାଷ୍ଟ୍ର ନିର୍ମାଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ହେଲେ ଦେଖାଯାଏ ଯେ ସେମାନେ ସମାଜରେ ଅବହେଳିତ ଓ ଦାରିଦ୍ରର ସୀମା ରେଖା ତଳେ ରହିଥାନ୍ତି । ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ବ୍ୟବସ୍ଥା କରିଛନ୍ତି ଯେପରିକି, ଶ୍ରମିକମାନଙ୍କ ପିଲାଙ୍କ ପାଇଁ ଶିକ୍ଷା ସହାୟତା, ମୃତ୍ୟୁକାଳୀନ ସହାୟତା, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା, ଶ୍ରମିକମାନଙ୍କ ପିଲାଙ୍କ ପାଇଁ ବିବାହ ସହାୟତା ଓ ପ୍ରସୁତିକାଳୀନ ସହାୟତା, ଏହି ସବୁ ବିଷୟରେ ଅବଗତ ହୋଇ ଏହାର ଲାଭ ନେବାକୁ ଅନୁରୋଧ କରିବା ସହିତ ପିଲାମାନଙ୍କୁ କାମରେ ନ ଲଗେଇ ପାଠ ପଢେଇ ଭଲ ମଣିଷ କରିବାକୁ ଅନୁରୋଧ କରିଥିଲେ । ସମ୍ମାନିତ ଅତିଥିଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ରମେଶ ଚନ୍ଦ୍ର ଜେନା କହିଥିଲେ ଯେ ଶ୍ରମିକମାନଙ୍କର କେବଳ ରାଜ୍ୟ ବା ଦେଶରେ ନୁହେଁ ବିଶ୍ୱରେ ବଡ଼ ଅବଦାନ ରହିଛି । ସରକାର ଶ୍ରମିକଙ୍କ ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ ଅଛନ୍ତି । ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ବିଶ୍ୱ ରଞ୍ଜନ କହଁର ପ୍ରାରମ୍ଭିକ ଭାଷଣରେ ଜିଲ୍ଲାରେ ଚାଲିଥିବା ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ଅଣ ପଞ୍ଜିକୃତ ଶ୍ରମିକ ଯାହାର ବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ ଓ ୬୦ ବର୍ଷରୁ କମ୍ , ସେମାନେ ଆବଶ୍ୟକୀୟ କାଗଜାତ ଦେଇ ପଞ୍ଜିକରଣ କରି ସରକାରଙ୍କ ଯୋଜନାର ଲାଭ ନେବାକୁ ଅନୁରୋଧ କରିଥିଲେ । ଜିଲ୍ଲାରେ ଆର୍ଥିକ ବର୍ଷ ୨୦୨୪-୨୫, ଫେବୃଆରୀ ୧୬ ସୁଦ୍ଧା ୭୪୭ ଜଣ ହିତାଧିକାରୀଙ୍କୁ ଭିନ୍ନ ଭିନ୍ନ ସହାୟତା ରାଶି ଆକାରରେ ପ୍ରାୟ ୧ କୋଟି ୯୪ ଲକ୍ଷ ୪୪ ହଜାର ୪୦୦ ଟଙ୍କା ପ୍ରଦାନ କରାଯାଇଥିବାର ସୂଚନା ଦେଇଥିଲେ । ଆଜି ଅତିଥିମାନଙ୍କ ଦ୍ୱାରା ୨୧୯ ଜଣ ଭିନ୍ନ ଭିନ୍ନ ହିତାଧିକାରୀଙ୍କୁ ପ୍ରାୟ ୧ କୋଟି ୨ ଲକ୍ଷ ୭୩ ହଜାର ୬୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା ଏବଂ ୨୦୦ ଗୋଟି ନିର୍ମାଣ ଶ୍ରମିକ ଆଇ.ଡି କାର୍ଡ ଓ ୫୦ ଗୋଟି ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ଆଇ.ଡି କାର୍ଡ ମଧ୍ୟ ପ୍ରଦାନ କରାଯାଇଥିଲା । ଶେଷରେ ଡିଭିଜନାଲ୍ ଶ୍ରମ କମିଶନର୍ ଶ୍ରୀ ତେଜ୍ କୁମାର ବାଗେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ । ଅନୁଷ୍ଠିତ ସମାରୋହରେ କନ୍ଧମାଳ ସାଂସଦ ପ୍ରତିନିଧି ଶ୍ରୀ ଜଗନ୍ନାଥ ସାହୁ, ଫୁଲବାଣୀ ବିଧାୟକ ପ୍ରତିନିଧି ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି, ଡେପୁଟି କଲେକ୍ଟର ଶ୍ରୀ ସୁମନ କୁମାର ଡୁଙ୍ଗ୍ ଡୁଙ୍ଗ୍, ସହକାରୀ କଲେକ୍ଟର ଶ୍ରୀ ବିବେକନନ୍ଦ ସାମଲ, ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତା, ସଂଗଠିତ ଓ ଅଣ ସଂଗଠିତ ଶ୍ରମିକ, ସରକାରୀ କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ ।

କାହ୍ନା ଟେନଷ୍ଟାରକୁ ହରାଇ ମାଷ୍ଟର ଇଲେଭେନ ଟିମ ବିଜୟୀ

ଭଦ୍ରକ, ୧୮/୨ (ନି.ପ୍ର): ଆରଡିପୀଠ ନିକଟ ପହଣାଗାଁରେ ଥିବା ଜୟ ଗଣେଷ କମିଟ ପକ୍ଷରୁ ୩ଦିନିଆ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଶେଷଦିନ ଫାଇନାଲ ମ୍ୟାଚରେ କାହ୍ନା ଟେନଷ୍ଟାର ଟିମ ଓ ମାଷ୍ଟର ଇଲେଭେନ ଟିମ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସ ଜିଣି କାହ୍ନା ଟେନଷ୍ଟାର ଟିମ ବ୍ୟାଟିଂ କରିଥିଲା । ୮ଓଭର ଖେଳରେ ସମସ୍ତ ୱିକେଟ ହରାଇ ୫୯ରନ କରିଥିଲା । ପରେ ମାଷ୍ଟର ଇଲେଭେନ ଟିମ ୩ଓଭର ୪ଟି ବଲ ବିନା ୱିକେଟରେ ୬୦ରନ କରି ବିଜୟୀ ହୋଇଥିଲେ । ଏହି ମ୍ୟାଚରେ ସାଜିଦ ପାଣି ମ୍ୟାନଅଫ ଦି ମ୍ୟାଚ ଓ ମ୍ୟାନ ଅଫଦି ସିରିଜ ହୋଇଥିବା ବେଳେ ମ୍ୟାନ ଅଫ ରନର ଭାବେ କାହ୍ନା ଟେନଷ୍ଟାର ଟିମକୁ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ବ୍ୟୋମକେଶ ରାୟ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ପୂର୍ବତନ ସରପଂଚ ସରୋଜ ଦାସ, ଅରବିନ୍ଦ ପାଢୀ, ପ୍ରସନ୍ନ ଜେନା, ଓଳଗ ସରପଂଚ ପ୍ରଫୁଲ ବେହେରା, ସୁନ୍ଦରପୁର ସରପଂଚ ଅଭିମନ୍ୟୁ ଜେନା, ସରପଂଚ ପ୍ରତିନିଧି ଗଣେଷ ବିଶ୍ୱାଳ ଭଗବାନ ମାଝୀ ପ୍ରମୁଖ ଯୋଗ ଦେଇ ବିଜୟୀ ଟିମକୁ ଟ୍ରଫି ଓ ନଗଦ ଟଙ୍କା ପ୍ରଦାନ କରିଥିଲେ । ଏହି ମ୍ୟାଚକୁ ଜୟ ଗଣେଷ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ ।

ମେଣ୍ଡା ଗାଁ ଅଂଚଳକୁ ନୂତନ ବ୍ଲକ ଗଠନ ଦାବୀ ଜୋର ଧରିଲା

ସୁବର୍ଣ୍ଣପୁର, ୧୮/୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାର ସର୍ବବୃହତ ଗ୍ରାମ ଭାବରେ ଚିର ପରିଚିତ ମେଣ୍ଡା ଗାଁକୁ ନୂତନ ବ୍ଲକ ଗଠନ ଦାବୀରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମେଣ୍ଡା ସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ଏହି ସଭାରେ ମେଣ୍ଡା ତଥା ଆଖପାଖ ଅଂଚଳର ଶତାଧିକ ଲୋକ ଯୋଗଦାନ କରିଥିଲେ । ମେଣ୍ଡା ଗାଁଟି ଭୌଗୋଳିକ, ଗମନାଗମନ, ଜନସଂଖ୍ୟା ଦୃଷ୍ଟିକୋଣରୁ ବ୍ଲକ ହେବାପାଇଁ ଯୋଗ୍ୟ ହୋଇଥିବା ବେଳେ ଦେଉଳପଦର, ରାଣୀସାର୍ଡା, ପାଇକବାହାଳ, ପୁଆ, ଜରାଜରିଙ୍ଗ, ନାରାୟଣପୁର, ବାଲାଡି, ଛକୋରମାଳ, ଶିବତଲା ପ୍ରମୁଖ ଗ୍ରାମପଂଚାୟତକୁ ନେଇ ନୂତନ ମେଣ୍ଡା ବ୍ଲକ ଗଠନ ପାଇଁ ଦାବୀ କରାଯିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଆଗତ କରାଗଲା । ଏକ କମିଟି ଗଠନ ଶହ ଆଗାମୀ ଦିନରେ ଏହି କମିଟି ଉପରୋକ୍ତ ଗ୍ରାମପଂଚାୟତର ଜନପ୍ରତିନିଧି ମାନଙ୍କ ଠାରୁ ସମ୍ମତି ପତ୍ର ଆଣିବା ପାଇଁ ପ୍ରସ୍ତାବ କରାଯାଇଥିଲା । ଆଗାମୀ ଦିନରେ ମେଣ୍ଡାକୁ ବ୍ଲକ ଘୋଷଣା ଦାବୀକୁ ଆହୁରି ଜୋରଦାର କରାଯିବ ସହ ବିଡ଼ିଓ, ଜିଲ୍ଲାପାଳ, ସ୍ଥାନୀୟ ଜନପ୍ରତିନିଧି ଏବଂ ବିଭିନ୍ନ ମନ୍ତ୍ରୀଙ୍କ ନିକଟରେ ଦାବୀ ଉପସ୍ଥାପନା କରାଯିବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥିଲା ।

ଅଶାନ୍ତ ହେବାର ଲାଗିଛି ଚାନ୍ଦବାଲି ବାଁଶଡ଼ା ଥାନା ତୋଟାପଡା ଅଂଚଳ, ଗୋଷ୍ଠୀ ସଂଘର୍ଷରେ ୩ ଜଣ ଆହତ ସହ ଦୋକାନ ଘର ପୋଡି

ଭଦ୍ରକ, ୧୮/୨ (ନି.ପ୍ର): - ଅଶାନ୍ତ ହୋଇ ପଡିଛି ବାଁଶଡ଼ା ଥାନା ତୋଟାପଡା ଅଂଚଳ । ଦୁଇ ଦିନ ପୂର୍ବରୁ ଦୃର୍ବୃତ ମାନେ ମରଣାନ୍ତକ ଆକ୍ରମଣି କରି ସୁନା ଦୋକାନୀଙ୍କ ଠାରୁ ସୁନା ଚୋରି ଘଟଣା ଲିଭି ନଥିବା ବେଳେ ପୁଣି ତୋଟାପଡା ଛକରେ ଦେଖା ଦେଇଛି ଗୋଷ୍ଠୀ ସଂଘର୍ଷ । ଏହି ଗୋଷ୍ଠୀ ସଂଘର୍ଷରେ ୩ ଜଣ ଗୁରୁତ୍ୱର ଆହତ ହୋଇ ଥିବା ବେଳେ ଗୋଟିଏ ଦୋକାନ ଗୃହକୁ ନିଆଁ ଲଗାଇ ଦେଇଛନ୍ତି ଦୃର୍ବୃତ । ଖବର ପାଇ ବାଂଶଡା ପୋଲିସ ଓ ଘଂଟେଶ

କାଗଜ ଚା' କପ୍ ଆମ ସ୍ୱାସ୍ଥ୍ୟ ପାଇଁ ବିଷ ନା ଅମୃତ..!

ଡ. ଅମୂଲ୍ୟ କୁମାର ପଣ୍ଡା

ଚା' କଫି ପିଇବା ପାଇଁ ଆମେ ସାଧାରଣତଃ ପେପର୍ କପ୍ ବ୍ୟବହାର କରିଥାଉ । କିନ୍ତୁ ଏହା ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏହା ଆମ ପାଇଁ କେତେ ବିଷ ଯୁକ୍ତ । ଆମେ ଜାଣିଛନ୍ତି ଯେ କାଗଜରେ କୌଣସି ତରଳ ପଦାର୍ଥ ରହିପାରେ ନାହିଁ, ତେଣୁ ଏପରି ପରିସ୍ଥିତିରେ, କପ୍‌ର ଭିତର ଅଂଶକୁ ୱାଟରପ୍ରୁଫ୍ କରିବା ପାଇଁ ଅଲଟ୍ରା ଥିନ୍ ପ୍ଲାଷ୍ଟିକରେ କୋଟ୍ କରାଯାଏ । ଯାହାକୁ ଆମେ ମାଇକ୍ରୋପ୍ଲାଷ୍ଟିକ୍ ବୋଲି କହିଥାଉ । ଏହି ମାଇକ୍ରୋପ୍ଲାଷ୍ଟିକ୍ ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ଆଜିକାଲି ଅଧିକାଂଶ ଚା ଦୋକାନରେ କାଗଜ କପ୍ ?ର ବ୍ୟବହାର ବହୁଳ ଭାବରେ ହେଉଛି। ଥରଟିଏ ବ୍ୟବହାର କରି ଫିଙ୍ଗି ଦିଆଯାଉଥିବା ଏହି କାଗଜ କପ୍‌ରେ ଚା ଓ କଫି ଭଳି ଗରମ ପାନୀୟ ପିଇବା ସ୍ୱାସ୍ଥ୍ୟ ପାଇଁ ଆଦୌ ନିରାପଦ ନୁହେଁ। ଭବିଷ୍ୟତରେ ଏହା ଆମ ଶରୀରରେ ସୃଷ୍ଟି କରିପାରେ କର୍କଟ ରୋଗ ! କାଗଜ କପ୍‌ରେ ଦୈନିକ ତିନି ଥର ଚା' ପିଉଥିବା ବ୍ୟକ୍ତିର ଶରୀରରେ ୭୫,୦୦୦ ଅଣୁପ୍ଲାଷ୍ଟିକ୍ (ମାଇକ୍ରୋ ପ୍ଲାଷ୍ଟିକ୍) ଖଣ୍ଡ ପ୍ରବେଶ କରିଥାଏ। ଖଡ଼ଗପୁରସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଏକଥା ଜଣାପଡ଼ିଛି। କାଗଜ କପ୍‌କୁ ୱାଟରପ୍ରୁଫ୍ କରିବା ପାଇଁ ସେଥିରେ କେମିକାଲ ମିଶୁଛି। ଗରମ ଚା' କିମ୍ବା କଫି ସଂସ୍ପର୍ଶରେ ଆସିବା ମାତ୍ରେ ତାହା ତରଳି ଚା'ରେ ମିଶି ପେଟକୁ ଯାଇ ରୋଗ ସୃଷ୍ଟି କରୁଛି। କାଗଜ କପ୍‌ରେ ଚା' ପିଇବା ଦ୍ୱାରା କ୍ୟାନସର ଠାରୁ ଆରମ୍ଭ କରି ପେଟ ସମସ୍ୟା ଏବଂ ଅନ୍ୟାନ୍ୟ ରୋଗ ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହୁଛି। ସେହିପରି ଅନେକ ଲୋକ କ୍ଷୀର ଜରି କିମ୍ବା ଅନ୍ୟାନ୍ୟ ଜରିରେ ଚା' ପାର୍ସଲ ନେଉଛନ୍ତି। ଏହାଦ୍ୱାରା ମଧ୍ୟ ରୋଗ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଯଦି ଲୋକମାନେ ସଚେତନ ନ ହେବେ, ତେବେ ଭବିଷ୍ୟତରେ ସେମାନେ ନିହାତି ରୋଗରେ ପଡିବେ।

ଆଜିକାଲି ଅଭ୍ୟାସଗତ ଭାବେ ଯୁବବର୍ଗଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ଚା' କଫି ଆଦି ପିଇବାକୁ ଭଲପାଆନ୍ତି। ତେଣୁ ସହରଠୁ ଆରମ୍ଭ କରି ଗାଆଁ ରାସ୍ତାପାର୍ଶ୍ୱ, କଲୋନୀ, ବସ୍ତିରେ ଚା'ଦୋକାନ ଖୋଲିଛି। ପୂର୍ବରୁ କାଚ ଗ୍ଲାସ୍, ଚିନାମାଟି କିମ୍ବା ମାଟି କପ୍‌ରେ ଚା' ଦେଉଥିଲେ ଦୋକାନୀ। ହେଲେ ଏବେ ଏହାର ସ୍ଥାନ ନେଇଛି କାଗଜ କପ୍। ଏହା ଦୋକାନୀଙ୍କ ପାଇଁ ସୁବିଧାଜନକ ହେଉଥିଲେ ମଧ୍ୟ ଗ୍ରାହକଙ୍କ ପାଇଁ ବିପଦ ସାଜୁଛି। ଏହି ୟୁଜ୍ ଆଣ୍ଡ୍ ଥ୍ରୋ ବା ଏକକ ବ୍ୟବହାରଯୋଗ୍ୟ କପ୍ ଅଜାଣତରେ ଗ୍ରାହକଙ୍କୁ ରୋଗ ବାଣ୍ଟୁଛି। ଗବେଷଣାରୁ ଜଣାପଡ଼ିଛି ଯେ ଗରମ ଚା ବା କଫିରେ ମିଶୁଥିବା ଅଣୁପ୍ଲାଷ୍ଟିକ୍ ଗୁଡ଼ିକ ଆୟନ୍, ପାରୋଡିୟମ୍, କ୍ରୋମିୟମ୍ ଓ ପାଲାଡିୟମ୍ ପରି ବିଷାକ୍ତ ଭାରୀଧାତୁ ତଥା ଜୈବିକ ପଦାର୍ଥର ବାହକ ହୋଇପାରେ। ଏହିସବୁ ପଦାର୍ଥରେ ପାଣି ଲାଗୁ ନଥିବାରୁ ଏଗୁଡ଼ିକ ସହଜରେ ଜୀବଜଗତକୁ ମଧ୍ୟ ସଂକ୍ରମିତ ହୋଇପାରନ୍ତି। ଶରୀରରେ ଏସବୁ ପ୍ରବେଶ କରିବାର ସ୍ୱାସ୍ଥ୍ୟଗତ ପରିଣତି ବେଶ୍ କ୍ଷତିକାରକ ହୋଇପାରେ ବୋଲି ଗବେଷକ ମାନେ ମତପ୍ରକାଶ କରିଛନ୍ତି। ଆମ ପ୍ରତି ବିପଦ ସୃଷ୍ଟି କରୁଥିବା କାଗଜ

କପ୍ ଭଳି ସାମଗ୍ରୀ ଗୁଡ଼ିକର ବିକଳ୍ପ ବାଛିବା ବେଳେ ଆମକୁ ଅତ୍ୟନ୍ତ ସାବଧାନତା ଅବଲମ୍ବନ କରିବାକୁ ପଡ଼ିବ। ପ୍ଲାଷ୍ଟିକ୍ କପ୍ ଓ ଗ୍ଲାସ୍‌ର ବିକଳ୍ପ ରୂପେ କାଗଜ କପ୍ ବାଛିବା ବେଳେ ଆମେମାନେ ଯଥେଷ୍ଟ ସାବଧାନତା ଅବଲମ୍ବନ କରୁନାହୁଁ। ଯଦି ଆମେ ଏ ଦିଗରେ ସଚେତନ ନ ହୋଇ ସତର୍କତା ଅବଲମ୍ବନ ନକରିବା ତେବେ ଆଗାମୀ ଦିନରେ କର୍କଟ ଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହେବାର ନିଶ୍ଚିତ ଆଶଙ୍କାକୁ ଏଡ଼ାଇ ଦେଇହେବନି। କାଗଜ କପ୍‌ରେ ଚା' ପିଇବା ଦ୍ୱାରା ଡାଇରିଆ, ପାଚନଶକ୍ତି କ୍ଷୟ, କିଡ୍‌ନୀ ନଷ୍ଟ ହେବାର ମଧ୍ୟ ସମ୍ଭାବନା ଅଧିକ ବୋଲି ଗବେଷକ ମାନେ ଉଲ୍ଲେଖ କରିଛନ୍ତି । କାଗଜ କପ୍ ଡିସ୍‌ପୋଜ ହେଉଥିଲେ ମଧ୍ୟ ଏଥିପାଇଁ ସମୟ ଲାଗିଥାଏ। ଅପରପକ୍ଷେ ଚା' ପିଇସାରି ଲୋକମାନେ ଏଣେତେଣେ କପ୍ ଫୋପାଡୁଥିବାରୁ ଏହାଦ୍ୱାରା ଆଖପାଖ ପରିବେଶ ମଧ୍ୟ ପ୍ରଦୂଷିତ ହେଉଛି। ଲୋକମାନେ ମଧ୍ୟ ଅଚିନ୍ତାରେ କାଗଜ କପ୍‌ରେ ଚା' ଓ କଫି ପିଉଥିବା ଦେଖାଯାଉଛି। ଶରୀର ପାଇଁ ଏହା ଯେ କେତେ ଭୟଙ୍କର ବିପଦ ଆଣୁଛି, ତାହା ହୁଏତ ଲୋକେ ଜାଣିନାହାନ୍ତି ବା ସଚେତନ ନୁହନ୍ତି। ଆଜିକାଲି ଅଧିକାଂଶ ଚା ଦୋକାନରେ କାଗଜ କପ୍‌ର ବ୍ୟବହାର ବହୁଳ ଭାବରେ ହେଉଛି। ଥରଟିଏ ବ୍ୟବହାର କରି ଫିଙ୍ଗି ଦିଆଯାଉଥିବା ଏହି କାଗଜ କପ୍‌ରେ ଚା ଓ କଫି ଭଳି ଗରମ ପାନୀୟ ପିଇବା ସ୍ୱାସ୍ଥ୍ୟ ପାଇଁ ନିରାପଦ ନୁହେଁ। ଭବିଷ୍ୟତରେ ଏହା ଆମ ଶରୀରରେ ସୃଷ୍ଟି କରିପାରେ କର୍କଟ ରୋଗ ! କାଗଜ କପ୍‌ରେ ଦୈନିକ ତିନି ଥର ଚା ପିଉଥିବା ବ୍ୟକ୍ତିର ଶରୀରରେ ୭୫,୦୦୦ ଅଣୁପ୍ଲାଷ୍ଟିକ୍ (ମାଇକ୍ରୋ ପ୍ଲାଷ୍ଟିକ୍) ଖଣ୍ଡ ପ୍ରବେଶ କରିଥାଏ ଯାହା ଆମ ସ୍ୱାସ୍ଥ୍ୟ ପାଇଁ ବିରାଟ ବିପଦ ଆଣିବାର ଏକ ମୁଖ୍ୟ ମାର୍ଗ ବୋଲି ଗବେଷକ ମାନେ ଚେତାବନୀ ଦେଇସାରିଛନ୍ତି । ତେଣୁ ଏବେ ଠାରୁ ସମସ୍ତେ ଏ ବିଷୟ ପ୍ରତି ସଚେତନ ହେବା ଆବଶ୍ୟକ, ନୋହିଲେ ନେଡି ଗୁଡ଼ କହୁଣୀକୁ ବହିଯିବା ଭଳି ଅବସ୍ଥା ନିଶ୍ଚିତ ହେବ, ଯାହାକୁ ଆଦୌ ଏଡ଼ାଇ ଦିଆଯାଇ ନ ପାରେ ।

କାଚଗ୍ଲାସ୍ କିମ୍ବା ମାଟି କପ୍ ସବୁ ଦୋକାନୀ ଆଜିକାଲି ରଖୁନାହାନ୍ତି। କାଗଜ କପ୍‌ରେ ଚା ପି' ସାରିବା ପରେ ତାକୁ ଫୋପାଡ଼ି ଦେବା ସବୁଠାରୁ ସହଜ କଥା ବର୍ତ୍ତମାନ ହୋଇଛି । ଏହା ସମ୍ପୂର୍ଣ୍ଣ ବନ୍ଦ ହେବା ଦରକାର, ନଚେତ୍ କେତେ ଲୋକେ ଅଜାଣତରେ ବଡ ରୋଗର ଶିକାର ହୋଇଯିବେ କେହି ଜାଣି ପାରିବେ ନାହିଁ। ତେବେ ଏହାକୁ ବନ୍ଦ କରିବା ନିୟମ କେବଳ ରାସ୍ତାକଡ଼ ଦୋକାନୀଙ୍କ ପାଇଁ ଲାଗୁ ନ କରିବା ସହ ବଡବଡ କଫିଶପ୍, ଏୟାରପୋର୍ଟ, ରେଲ୍‌ୱେ ଷ୍ଟେଶନ୍ ଆଦିରେ ଥିବା ଦୋକାନ ଉପରେ ମଧ୍ୟ ଲାଗୁ କରିବା ଦରକାର ଆଉ ଏକ ମୁଖ୍ୟ କଥା ଯେ ଏ ଚା କପ୍ ଫ୍ୟାକ୍ଟ୍ରିକୁ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି ହେବା ଉଚିତ୍। ଲୋକମାନେ ତିଆରି ହୋଇଥିବା

କାଗଜ ଚା କପ୍ ପରିବର୍ତ୍ତେ, ଚିନା ମାଟି କିମ୍ବା ଷ୍ଟିଲ୍ କପ୍, କିମ୍ବା କାଚ ଗ୍ଲାସ୍ ବ୍ୟବହାର ନିହାତି କରିବା ଆବଶ୍ୟକ । ବାହାରେ ଚା' କିମ୍ବା କଫି ପିଇଲା ତେବେ ମାଟି କୁଲହଡ୍ ବେଷ୍ଟ ଅପ୍ସନ ରହିବ । କିମ୍ବା ସର୍ବଦା ନିଜ ସହ ଏଭଳି ଏକ କପ୍ ରଖିବା ଉଚିତ୍ ଯେ ଯାହାକୁ ବାରମ୍ବାର ବ୍ୟବହାର କରିହେବ । ଏହା କେବଳ ପରିବେଶ ପାଇଁ ନୁହେଁ ବରଂ ଆମ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅଧିକ ଲାଭଦାୟକ ହେବ ।

ଅରଙ୍ଗାବାଦ, ବରୀ, ଯାଜପୁର
ସମ୍ପାଦକ - ଭଗବତୀ ସାହିତ୍ୟ ସଂସଦ
(ମୋ) - ୮୨୪୯୫୦୨୭୭୬

ଚକ୍ଷୁ ପାଇଁ ଯୋଗ

ଆଖି ପାଇଁ ରହିଛି ବିଭିନ୍ନ ପ୍ରକାର ଯୋଗ ଏବଂ ବ୍ୟାୟାମ । ଏହା ନିୟମିତ କରିବା ଦ୍ୱାରା ଦୃଷ୍ଟିଶକ୍ତି ଭଲ ରହେ । ଏହାଦ୍ୱାରା ଆଖିପତା ଓ ଚକ୍ଷୁର ବାହାର ମାଂସପେଶୀକୁ ଅଧିକ ମାତ୍ରାରେ ରକ୍ତ ସଂଚାଳନ ହୋଇଥାଏ ।

ଶୀର୍ଷାଷନ: ମୁଣ୍ଡ ତଳକୁ କରି ଗୋଡ ଉପରକୁ କରିବା ସହ ଏହି ଆସନ କରାଯାଇଥାଏ । ଏହାଦ୍ୱାରା ଚକ୍ଷୁ ଭିତରକୁ ରକ୍ତ ସଂଚାଳନ ହୁଏ । ଯାହାକି ଅନ୍ୟାନ୍ୟ ଉପଯୋଗିତା ସହ ଚକ୍ଷୁକୁ ସୁସ୍ଥ ରଖେ । ଏହା ଯୁବାବସ୍ଥାରେ କରିବା ଭଲ । ଉଚ୍ଚ ରକ୍ତଚାପ ଭୋଗୁଥିବା ରୋଗୀ ଓ ବାର୍ଧକ୍ୟ ଅବସ୍ଥାରେ ଏହି ଆସନ କରିବା ଅନୁଚିତ । ଏହାଦ୍ୱାରା ଚକ୍ଷୁ ଭିତର ଦୁର୍ବଳ ଶିରାପ୍ରଶିରାରୁ ରକ୍ତସ୍ରାବ ହେବାର ସମ୍ଭାବନା ଥାଏ ।

ବଜ୍ରାସନ: ବଜ୍ରାସନ ଦୃଷ୍ଟିଶକ୍ତିରେ ସୁସ୍ଥତା ଆଣିଥାଏ । ତେବେ ଏହା ଅଧିକ ଲାଭପ୍ରଦ ହୁଏ । ଏହି ଆସନରେ ବସି ମୁହଁକୁ ଖୋଲାକରି ଜିଭକୁ ଆଗକୁ ଆଣନ୍ତୁ ଏବଂ ଉପରକୁ ଚାହାନ୍ତୁ । ୧୦ ସେକେଣ୍ଡ ପରେ ଜିଭକୁ ଭିତରକୁ ନେଇ ମୁହଁ ବନ୍ଦ କରି ଆଖିକୁ ଧୀରେ ବନ୍ଦକରି ୨୦ ସେକେଣ୍ଡ ରଖନ୍ତୁ । ଏହି କ୍ରିୟାକୁ ୫ ରୁ ୬ ଥର କରନ୍ତୁ । ଏହି ଆସନ ବ୍ୟତୀତ ଯୋଗମୁଦ୍ରାସନ, ପଦ୍ମାସନ ଏବଂ ସର୍ବାଙ୍ଗାସନ ଚକ୍ଷୁକୁ ସୁସ୍ଥ ରଖିଥାଏ । ସାକାଳୁ ଉଠି ପାପୁଲି ଘଷି ଆଖିରେ ହାଲ୍‌କା ସ୍ପର୍ଶ ଦିଅନ୍ତୁ । ପରେ ପରେ ଆଖିରେ ପାଣି ଛାଟନ୍ତୁ । ଏହା ଆଖିକୁ ପରିଷ୍କାର ଏବଂ ସୁସ୍ଥ ରଖେ ।

ବର୍ଜ୍ୟ ବସ୍ତୁରୁ କାଗଜ

ସାରା ପୃଥିବୀର କାଗଜ କଳମାନ କଞ୍ଚା ମାଲ ପାଇଁ ଜଙ୍ଗଲ ଉପରେ ନିର୍ଭରଶୀଳ। କାଗଜ ଉତ୍ପାଦନ ନିମନ୍ତେ ବହୁ ସଂଖ୍ୟକ ବୃକ୍ଷ କଟାଯାଉଛି। କାଗଜ ପରିବେଶ ବିରୋଧୀ ହୋଇଥିଲେ ହେଁ ବ୍ୟାବସାୟିକ ଉତ୍ପାଦନକୁ ଏକାଧବକ କାରଣରୁ ନିୟନ୍ତ୍ରିତ କରାଯାଇପାରୁ ନାହିଁ। ତେବେ ଆମେ ଏହା ମଧ୍ୟ ଭୁଲିଯିବା ଅନୁଚିତ ଯେ, ବିନା ବୃକ୍ଷଲତାରେ ବର୍ଜ୍ୟ ପଦାର୍ଥରୁ ବି କାଗଜ ତିଆରି କରାଯାଇ ପାରେ। ବର୍ଜ୍ୟ ଦାର୍ଥ ବିନିଯୋଗରେ ହାତରେ କାଗଜ ପ୍ରସ୍ତୁତି ଏକ ଦେଶୀୟ କଳା। ୧୪୨୦-୧୪୭୦ ମଧ୍ୟରେ ଏହି କଳା କଶ୍ମୀରରେ ବିକଶିତ ହୋଇଥିବା ବିଶ୍ୱାସ କରାଯାଏ। କ୍ରମେ ଏହା ଅହମ୍ମଦାବାଦ୍, ଦୌଲତାବାଦ୍ ଏବଂ ସାଙ୍ଗନେରରେ କୁଟୀର ଶିଳ୍ପ ପାଲଟିଥିଲା। ଆଉ କାଗଜ କଳର ସଂଖ୍ୟା ବୃଦ୍ଧି ସହ ହାତ ତିଆରି କାଗଜ ଶିଳ୍ପର ବିଲୋପ ଘଟିଥିଲା। ହାତ ତିଆରି କାଗଜର ଆଦର କମି ନ ଥିଲେ ସୁଦ୍ଧା

ଉତ୍ପାଦନ ଦିଗରେ କେହି ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି। ଜଣେ ବ୍ୟତିକ୍ରମ ହେଉଛନ୍ତି ମୁମ୍ବାଇର ନୀତା ପ୍ରେମଚାନ୍ଦ। ସେ ବର୍ଜ୍ୟ ବସ୍ତୁରୁ ହାତରେ କାଗଜ ପ୍ରସ୍ତୁତ କରି 'ବମ୍ବେ ପେପରି' ନାମକ ବ୍ୟବାସାୟିକ ଅନୁଷ୍ଠାନ ଚଳାଉଛନ୍ତି। ଛିଣ୍ଡା କନା, ଅଖା, ପରିବା ଚୋପା, ନା, ପଚାଶଢ଼ା ଲ-ଳ ଆଦିକୁ ଏକ ବିଶେଷ ପଦ୍ଧତି ଦ୍ୱାରା କାଜରେ ପରିଣତ କରାଯାଉଛି। ପ୍ରକ୍ରିୟା ବ୍ୟୟବହୁଳ ନୁହେଁ। କେବଳ ଯାହା ସମୟ ଲାଗେ। ସବୁଠାରୁ ବଡ଼ କଥା ହେଉଛି, ଜଙ୍ଗଲ ସଫା କରିବାକୁ ପଡେ ନାହିଁ। ନତା ୨୫ ବର୍ଷ ହେଲା ବର୍ଜ୍ୟ ବସ୍ତୁରୁ କାଜ ତିଆରି କରିବା ବିଦ୍ୟା ତାଙ୍କୁ ଜଣା ନଥିଲା ପରିବେଶ ପ୍ରତି ମମତା ତାଙ୍କୁ ସେହି ବିଦ୍ୟା ଶିକ୍ଷା କରିବା ପାଇଁ ଅନୁପ୍ରାଣିତ କରିଥିଲା।

ଅବକ୍ଷୟର ଦ୍ୱାରଦେଶରେ ଥିବା ବିଦ୍ୟା ଶିକ୍ଷା କରିବା ନିମନ୍ତେ ସେ ଭେଟିଥିଲେ ଲକ୍ଷ୍ନୌର ନବେ ବର୍ଷ ବୟସ୍କ ମୁନ୍ନାଲାଲ ଖାବରୀଙ୍କୁ। ମୁନ୍ନାଲାଲଙ୍କ ସୌଜନ୍ୟରୁ ତାହା ଜାଣିବା ରେ ସେ ପରୀକ୍ଷା ଆରମ୍ଭ କରିଥିଲ। ଖୁବ୍ କମ୍ ସମୟ ମଧ୍ୟରେ ତାଙ୍କୁ ସଫଳତା ମିଳିଥିଲା। ବର୍ଜ୍ୟ ବସ୍ତୁ ଦ୍ୱାରା ହାତରେ କାଗଜ ପ୍ରସ୍ତୁତି ବିଦ୍ୟାର ପ୍ରସାର ପାଇଁ ନୀତା ଉତ୍ସର୍ଗିତ ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି। ଏହି ବିଦ୍ୟା ଯେତେ ଅଧବକ ଲୋକପ୍ରିୟ ହେବ, ସେତିକି ଅଧିକ ବୃକ୍ଷ ବର୍ତ୍ତିଯିବେ। ନୀତାଙ୍କ ଉଦ୍ୟମ ନିଶ୍ଚିତ ଭାବେ ପ୍ରଶଂସନୀୟ।

ବାପା ହେଲେ ସ୍ୱାସ୍ଥ୍ୟ ଭଲ ରୁହେ



ଅଭିଭାବକ ହେଲେ ଯେ କେବଳ ଆପଣଙ୍କୁ ଖୁସି ହେବ ତାହା ନୁହେଁ ବରଂ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଏହା ଖୁବ୍ ଭଲ। ଏକ ନୂଆ ଅଧ୍ୟୟନ ମୁତାବକ ଯେଉଁ ଅଭିଭାବକ ମାନଙ୍କର ସନ୍ତାନ ସନ୍ତତି ନାହାନ୍ତି, ସେମାନଙ୍କ ତୁଳନାରେ ସନ୍ତାନଙ୍କ ସହ ରହୁଥିବା ଅଭିଭାବକ ମାନଙ୍କୁ ଥଣ୍ଡା ସର୍ଦ୍ଦି ହେବାର ସମ୍ଭାବନା ୫୨ ପ୍ରତିଶତ କମ୍ ହୋଇଥାଏ, ଯାହା ସେମାନଙ୍କ ମାନସିକ ଦୃଢ଼ତାର କାରଣ ହୋଇଥାଏ। ଆମେରିକାର କାଉନେଗିୟା ମେଲାନ୍ ୟୁନିଭର୍ସିଟିର ଅଧ୍ୟୟନରୁ ଏହା ମଧ୍ୟ ସ୍ପଷ୍ଟ ହୋଇ ଯାଇଛି ଯେ, ଅଭିଭାବକ ମାନଙ୍କର ଯେତେ ଅଧିକ ସନ୍ତାନ ସେମାନଙ୍କର ଯେତେ ଅଧିକ ସନ୍ତାନ ସେମାନଙ୍କର କ୍ଷମତା ସେତେ ଅଧିକ। ୧ ରୁ ୨ଟି ସନ୍ତାନର ଅଭିଭାବକ ମାନଙ୍କ ଠାରେ ଅସୁସ୍ଥ ହେବାର ସମ୍ଭାବନା ୪୮ ପ୍ରତିଶତ, ସେହିଭଳି ତା'ଠାରୁ ଅଧିକ ସନ୍ତାନର ମାତା, ପିତା ମାନଙ୍କ ଠାରେ ଥଣ୍ଡା ସର୍ଦ୍ଦିର ସମ୍ଭାବନା ୧୬ ପ୍ରତିଶତ କମ୍ ଥାଏ। ଅଧ୍ୟୟନରୁ ନେତୃତ୍ୱ ପ୍ରଫେସର ଶେଲଡନ୍ କୋହେନ୍ କରିଥିଲେ। ସାଇକୋସୋମେଟିକ୍ ମେଡ଼ିସିନ୍‌ରେ ପ୍ରକାଶିତ ଏହି ଅଧ୍ୟୟନ ।ଇଁ ପ୍ରସେର କୋହେନ୍ ଏବଂ ତାଙ୍କ ଟିମ୍ ୧୮ ରୁ ୫୫ ବର୍ଷର ୭୯୫ ସୁସ୍ଥ ଅଭିଭାବକଙ୍କ ଉପରେ ଥଣ୍ଡା ସର୍ଦ୍ଦି ଭଳି ସାଧାରଣ ରୋଗକୁ ନେଇ ଅଧ୍ୟୟନ କରିଥିଲେ। ପ୍ରଫେସର କୋହେନ କୁହନ୍ତି ଅଭିଭାବକ ହେବାର ସକରାତ୍ମକ ଏବଂ ନକରାତ୍ମକ ଦୁଇଟିର ପ୍ରଭାବ ରହିଛି। ଗୋଟିଏ ପଟେ ଅଭିଭାବକ ହେବା କାରଣରୁ ଚିନ୍ତା ବଢ଼ିଥାଏ ତ ଅନ୍ୟପଟେ ସାମାଜିକ ସଂପର୍କରେ ବିକାଶ ଏବଂ ଜୀବନ ଜୀଇଁବାର ଏକ ମାଧ୍ୟମ ମଧ୍ୟ ହୋଇଥାଏ।

ବ୍ଲଡ୍ ଟେଷ୍ଟରୁ ଜଣାପଡିବ ଅଲଝାଇମର

ନିକଟ ଭବିଷ୍ୟତରେ ଅଲ୍‌ଝାଇମରର ସଠିକ୍ ତଥ୍ୟ ମିଳିବ। ସମ୍ଭବ ହେବ ରକ୍ତ ପରୀକ୍ଷାରୁ। ଗବେଷଣାର ନେତୃତ୍ୱ ନେଇଥିଲେ ଆମ୍‌ରି ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ୱିଲିୟମ୍ କୁହନ୍ତି ଏହି କ୍ଷେତ୍ରରେ ପ୍ରାରମ୍ଭିକ ପରିଣାମର ବିଶ୍ୱାସନୀୟତା ଏବଂ ଅସଫଳତାକୁ ଦୋହରାଇବା ସବୁଠାରୁ ବଡ଼ ଚାଲେଞ୍ଜ। ସେମାନେ ସେମାନଙ୍କ ଗବେଷଣାରୁ ଏହା ଜାଣିପାରିଥିଲେ ଯେ ଏଥିରୁ ଲଗାତାର ନିଷ୍କର୍ଷ ମିଳିବା ସମ୍ଭବ। ବିଜ୍ଞାନ ପତ୍ରିକା ନ୍ୟୁରୋଲୋଜି ଅନୁସାର ୱିଲିୟମଙ୍କ ସହିତ ଏହି ଗବେଷଣାରେ ପେନ୍‌ସିଲ ଭାନିଆ ବିଶ୍ୱବିଦ୍ୟାଳୟ ଏବଂ ସ୍ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ଟିମ୍ ଏଥିରେ ସହଯୋଗ କରିଥିଲେ। ଏହି ଗବେଷଣାରେ ସାମିଲ ୬୦୦ ବ୍ୟକ୍ତିଙ୍କ ରକ୍ତ ନମୁନାରୁ ୧୯୦ ପ୍ରୋଟିନର

ସ୍ତରକୁ ମପାଯାଇଥିଲା। ପ୍ରତିଭାଗୀ ମାନଙ୍କ ମଧ୍ୟରେ ସୁସ୍ଥ ସ୍ୱୟଂସେବକଙ୍କ ବ୍ୟତୀତ ସେହିମାନେ ଥିଲେ ଯେଉଁମାନ ଅଲଝାଇମର କିମ୍ବା ମାଇଲ୍ଡ କଗ୍ନିଟିଭ ଏମ୍‌ପାୱାରମେଣ୍ଟ (ଏମସିଆଇ) ଦ୍ୱାରା ଗ୍ରାସିତ ଥିଲେ। ଆମ୍‌ଣି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଥିଲା ଯେ ଏମସିଆଇ ଅଲ୍‌ଝାଇମର ହେବାର ପୂର୍ବ ସଙ୍କେତ ରହିଛି ଏବଂ ସେମାନଙ୍କର ସ୍ମୃତିଶକ୍ତିର କ୍ଷରଣକୁ ମଧ୍ୟ ହିସାବକୁ ନିଆଯାଇଥିଲା। ବର୍ତ୍ତମାନ ସୁଦ୍ଧା ନ୍ୟୁରୋଲୋଜିଷ୍ଟ ଅଲଝାଇମର ରୋଗର ଚିହ୍ନଟ କ୍ଲିନିକାଲ ଟେଷ୍ଟ ଆଧାରରେ କରିଥିଲେ। ଏହା ବ୍ୟତୀତ ଅତିରିକ୍ତ ବ୍ୟୟବହୁଳ ଥିଲା। ୱିଲିୟମ କୁହନ୍ତି ଯଦିବା ଏହି ସମୟରେ ରକ୍ତ ନମୂନା ପରୀକ୍ଷଣ ଦ୍ୱାରା ଅଲଝାଇମର ରୋଗର ସଠିକ୍ ତଥ୍ୟ ଜଣାପଡିବ ନାହିଁ। ସେମାନେ ଏହି ପରୀକ୍ଷଣକୁ ବିଶ୍ୱସନୀୟତା ସୃଷ୍ଟି ପାଇଁ ପ୍ରୟାସ କରୁଛନ୍ତି।

ମୃତ୍ୟୁରେ ଆନନ୍ଦ ଜନ୍ମରେ ଦୁଃଖ

ଦେଶରେ ଏଭଳି ଲୋକ ଅଛନ୍ତି, ଯେଉଁମାନେ କି ପରିବାରରେ ପିଲା ଜନ୍ମ ହେଲେ ବହୁତ ଦୁଃଖ ପ୍ରକାଶ କରନ୍ତି। ଆମ୍ଭେମାନେ ସମ୍ପର୍କୀୟଙ୍କ ମୃତ୍ୟୁରେ ଯେଉଁଭଳି ଭାବେ ଦୁଃଖ ପ୍ରକାଶ କରିଥାନ୍ତି, ସେମାନେ ସେହିଭଳି ଭାବେ ପିଲା ଜନ୍ମର ଦୁଃଖୀ ହୋଇ ପଡନ୍ତି। କିନ୍ତୁ ରିବାରରେ ହେଉ ଅବା ସମ୍ପର୍କୀୟ ବ୍ୟକ୍ତିର ମୃତ୍ୟୁରେ ବହୁତ ଖୁସି ମନାନ୍ତି ଠିକ୍ ଆମ୍ଭେମାନେ ଯେଉଁଭଳି ଭାବେ ଜନ୍ମ ଦିନ ପାଳନ କରନ୍ତି। ରାଜସ୍ଥାନରେ ଏଭଳି ଏକ ଜନଜାତି ଦେଖାଯାଆନ୍ତି। ରାଜ୍ୟରେ ପ୍ରାୟ ୨୪ଟି ପରିବାର ଏହି ଜନଜାତିର ଲୋକ ଦେଖାଯାଆନ୍ତି। ଏହି ଜନଜାତି ରାସ୍ତା କଡ଼ରେ ଅସ୍ଥାୟୀ ଭାବେ ପଡି ରହି ଜୀବନ ବିତାନ୍ତି। ଏହି ଜାତିର ଲୋକମାନେ ସାଧାରଣତଃ ନିରକ୍ଷର। ମଦପାନ୍ୟକୁ ସେମାନେ ପ୍ରଧାନ ପାନୀୟ ଭାବେ ଗ୍ରହଣ କରନ୍ତି। ମହିଳାମାନେ ମଧ୍ୟ ଦେହ ବ୍ୟବସାୟ କରନ୍ତି। ଏହି ଜନଜାତି ଠାରେ ଅଲଗା କିଛି ଦେଖିବାକୁ ମିଳେ। ତାଙ୍କର କେହି ସମ୍ପର୍କୀୟଙ୍କର ମୃତ୍ୟୁ ପରେ ଧୂମଧାମ୍ ନାଚଗୀତ ସହିତ ଅନ୍ତିମ ସଂସ୍କାର କରାଯାଏ। ଏହି ଜାତିର ଜଣେ ସଦସ୍ୟ ଝନକ୍ୟା ସତିଆ କହିଛନ୍ତି ଯେ ସମ୍ପର୍କୀୟଙ୍କ ମୃତ୍ୟୁ ପରେ ଆମେ ନୂଆ ପୋଷାକ ପିନ୍ଧିଥାଉ, ମିଠା ବାଣ୍ଟିଥା

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଦାଦନ ଦୁର୍ଦ୍ଦଶା....

ମଦମୃତ୍ୟୁ, ଆମ୍ବ ଟାକୁଆ ଓ ଦାଦନ ଭଳି ପ୍ରସଙ୍ଗ ପୁଣି ଥରେ ଓଡ଼ିଶାର ରାଜନୀତିକୁ ଫେରିଛି ଏବଂ ଜାତୀୟସ୍ତରରେ ରାଜ୍ୟକୁ ନିନ୍ଦିତ କରୁଛି । ଏଥିମଧ୍ୟରୁ ଉତ୍କଟ ହେଉଛି ଦାଦନ ସମସ୍ୟା । କେଉଁଠି ଦାଦନ ଶ୍ରମିକଙ୍କୁ ମୁଣ୍ଡଜାମିନ୍ ରଖି ଟଙ୍କା ଦାବି କରାଯାଉଛି ତ ପୁଣି କେତେବେଳେ ପରିବାରର ରୋଜଗାରିଆ ସଦସ୍ୟଙ୍କ ଶବ ନିଜ ଭିଟାମାଟିକୁ ଫେରୁଛି । ଗତ ୪୦ ଦିନ ଭିତରେ କେବଳ କଳାହାଣ୍ଡି ଜିଲ୍ଲାରୁ ଏଭଳି ୫ ଜଣ ଦାଦନ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରିଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ଗତ ବର୍ଷକ ଭିତରେ ୧୦ଜଣ ଦାଦନ ପ୍ରବାସରେ ପ୍ରାଣ ହରାଇଛନ୍ତି । ଆହୁରି ଅଧିକ ବିଡ଼ମ୍ବନା ହେଉଛି ଯେଉଁ ଜାତୀୟ ଦଳ ଓଡ଼ିଶାକୁ ଦାଦନଙ୍କ ରାଜ୍ୟ ଭାବେ ଉପହାସ କରୁଥିଲା ଏବଂ କ୍ଷମତାକୁ ଆସିଲେ ଦାଦନ ସମସ୍ୟାର ସମ୍ପୂର୍ଣ୍ଣ ଦୂର ହେବ ବୋଲି ବାହୁସ୍ଫୋଟ ମାରୁଥିଲା ସେହିଦଳ ଏବେ ରାଜ୍ୟରେ କ୍ଷମତାସୀନ ହେବାର ବର୍ଷେ ନ ପୁରୁଣୁ ଦାଦନ ସମସ୍ୟା ହ୍ରାସ ପାଇବା ବଦଳରେ ବଢ଼ିବାରେ ଲାଗିଛି । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଦାଦନ ଖଟିବାକୁ ଯାଉଥିବା ଯୁବକଯୁବତୀ ଓ କିଶୋରକିଶୋରୀଙ୍କ ପ୍ରମୁଖ ସମସ୍ୟା ହେଲା ନିଶ୍ଚିତ କର୍ମନିଯୁକ୍ତି ବା ନିରବଚ୍ଛିନ୍ନ ରୋଜଗାରର ଅଭାବ । ଏମାନେ ସାଧାରଣତଃ କୃଷି ଶ୍ରମିକଭାବେ ନିୟୋଜିତ ହୋଇଥା'ନ୍ତି । କୃଷି ଅମଳ ସରିଯିବା ପରେ ସେମାନଙ୍କ ହାତରେ ଆଉ କାମ କିମ୍ବା ରୋଜଗାରର ବିକଳ୍ପ ନଥିବାରୁ ବାଧ୍ୟ ହୋଇ ବାହାର ରାଜ୍ୟର ଇଟାଭାଟି କିମ୍ବା ଅନ୍ୟାନ୍ୟ ନିର୍ମାଣ ପ୍ରକଳ୍ପରେ କାମ କରିବାକୁ ଯାଇ ସେଠାରେ କମ୍ ପାରିଶ୍ରମିକରେ ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହେଉଛନ୍ତି । ଏଥିରୁ ସେମାନଙ୍କୁ ମୁକ୍ତି ଦେବା ପାଇଁ ଏବଂ ନିଶ୍ଚିତ ରୋଜଗାର ଯୋଗାଇଦେବାରେ ରାଜ୍ୟ ସରକାରଙ୍କ ବିଫଳତା ହିଁ ଓଡ଼ିଶାକୁ ଜାତୀୟସ୍ତରରେ ନିନ୍ଦିତ କରୁଛି । ଓଡ଼ିଶାରେ ଶ୍ରମଶକ୍ତିର ୫୧.୭ ଭାଗ କୃଷି କ୍ଷେତ୍ରରେ ସମ୍ପୃକ୍ତ । ଅବଶିଷ୍ଟଙ୍କ ମଧ୍ୟରୁ ୮୦ ଭାଗ ଆତ୍ମନିଯୁକ୍ତ ବା ସାମୟିକ ଶ୍ରମିକ ଭାବେ ବିଭିନ୍ନ କ୍ଷେତ୍ରରେ କାମ କରୁଛନ୍ତି । ସେମାନଙ୍କ ମଧ୍ୟରେ ଅନେକ ସାମାଜିକ-ଆର୍ଥିକ ନିରାପତ୍ତାରୁ ଏବେ ମଧ୍ୟ ବଞ୍ଚିତ । ସେହିପରି ଏବେ ନିର୍ମାଣର ଯାନ୍ତ୍ରିକିକରଣ ଯୋଗୁଁ ମାନବ ସମ୍ବଳର ସଦୁପଯୋଗ ହୋଇପାରୁନାହିଁ । ଅନୁନ୍ନତ ଓ ଦୁର୍ଗମ ଅଞ୍ଚଳରେ ରହୁଥିବା ବେକାର ଯୁବକଯୁବତୀ ଆଉ କାମଧନ୍ଦା ଅନ୍ୱେଷଣରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବାକୁ ପଡ଼ିବ ନାହିଁ – ଏହି ଲକ୍ଷ୍ୟ ନେଇ ନବୀନ ସରକାର 'ସଘନ ପଞ୍ଚାୟତ' ଯୋଜନା ଆରମ୍ଭ କରିଥିଲେ । କଳାହାଣ୍ଡି, ନୂଆପଡ଼ା, ବରଗଡ଼ ଓ ବଲାଙ୍ଗୀର ଆଦି ୧୧ଟି ଜିଲ୍ଲାର ୨୦ଟି ବ୍ଲକର ସମସ୍ତ ପଞ୍ଚାୟତକୁ 'ସଘନ ପଞ୍ଚାୟତ' ଭାବେ ଗ୍ରହଣ କରି ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ମନରେଗା) ଅଧୀନରେ ଲୋକଙ୍କୁ ୨୦୦ ଦିନର କାମ ଯୋଗାଇ ଦିଆଯିବାର ଘୋଷଣା ଓ କାର୍ଯ୍ୟକରୀ କରାଯାଇଥିଲା । ଯୋଜନାରେ ଦୈନିକ ମଜୁରି ୧୮୮ ଟଙ୍କାରୁ ୨୮୬.୩୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା । ଏହି ଯୋଜନାରେ ଅର୍ଥାଭାବ ଦୂର କରିବା ପାଇଁ ରାଜ୍ୟ ସରକାର ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ମଧ୍ୟ ଗଠନ କରିଥିଲେ । ଏହାଦ୍ୱାରା ଦାଦନ ଶ୍ରମିକ ସମସ୍ୟାରେ ଉଲ୍ଲେଖନୀୟ ହ୍ରାସ ଘଟିଥିବା ବେଳେ ଶ୍ରମିକମାନଙ୍କ ସାମାଜିକ-ଆର୍ଥିକ ବିକାଶରେ ଉନ୍ନତି ପରିଲକ୍ଷିତ ହୋଇଥିଲା । ଏବେ କିନ୍ତୁ ନୂଆ ସରକାର ଆସିବା ପରେ ଗତ ସରକାର ଅମଳରେ ହୋଇଥିବା ଅନେକ ଯୋଜନାକୁ ବନ୍ଦ କରିଦେଇ କେବଳ ଆଖିଦୃଶିଆ ପ୍ରଚାରଧର୍ମୀ ଯୋଜନା ଘୋଷଣା କରି ଚାଲିଛନ୍ତି । ଏହିସବୁ ଯୋଜନା ରାଜ୍ୟର ତୃଣମୂଳସ୍ତରର ବିକାଶ ସାଧନରେ ସହାୟକ ହୋଇପାରୁନାହିଁ । ଅଧିକନ୍ତୁ ସହରୀ ବାସିନ୍ଦା ହିଁ ଏହାର ହିତାଧିକାରୀ ହେଉଛନ୍ତି । ଗତ ବର୍ଷ ୧୭.୬୧ କୋଟି କର୍ମଦିବସ ସୃଷ୍ଟି ହୋଇଥିବା ବେଳେ ଚଳିତ ବର୍ଷ ତାହା ୧୦ କୋଟି ତଳକୁ ଖସି ଆସିଛି । ସେହିଭଳି ଗତବର୍ଷ ତୁଳନାରେ ଚଳିତ ବର୍ଷ ପ୍ରାୟ ୨ ଲକ୍ଷରୁ ଅଧିକ ପରିବାର ମନରେଗାରୁ ବଞ୍ଚିତ ହୋଇଛନ୍ତି । ମନରେଗାରେ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଶ୍ରମିକ ମଜୁରୀ ହାର ମଧ୍ୟ ନୈରାଶ୍ୟଜନକ । ଏବେ ଦରଦାମ ବଢ଼ିଚାଲିଥିବା ବେଳେ ତଦନୁଯାୟୀ ମଜୁରୀ ବୃଦ୍ଧି ପାଇବା କଥା । ବିଜୁ ପଟ୍ଟନାୟକଙ୍କ ଅମଳରୁ ଓଡ଼ିଶାରେ ଏହି ଧାରା ଜାରି ରହିଥିଲା । କିନ୍ତୁ ରାଜ୍ୟରେ ନୂଆ ସରକାର କ୍ଷମତାକୁ ଆସିବା ପରଠାରୁ ଏ ସଂକ୍ରାନ୍ତ ନିଷ୍ପତ୍ତି ନେବାରେ ସମ୍ବେଦନଶୀଳତା ପ୍ରଦର୍ଶନ କରିନାହାନ୍ତି । ବସ୍ତୁତଃ ଶ୍ରମିକ କଲ୍ୟାଣ ଚିନ୍ତାକୁ ସରକାର ଅଗ୍ରାଧିକାର ଦେଇନାହାନ୍ତି । ଅପରପକ୍ଷରେ ଦିନକୁ ଦିନ ଉତ୍କଟ ହୋଇଚାଲିଥିବା ମହଙ୍ଗା ବଜାରକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଏଭଳି ପରିସ୍ଥିତିରେ ଦାଦନ ସମସ୍ୟା ବଢ଼ିବା ସ୍ୱାଭାବିକ । ସମୟ ବଦଳିବା ସହିତ ଲୋକଙ୍କ ସ୍ୱପ୍ନ ବଦଳୁଛି ଏବଂ ଆବଶ୍ୟକତା ମଧ୍ୟ ବଢୁଛି । ଆବଶ୍ୟକତା ପୂରଣ ପାଇଁ ଅଧିକ ରୋଜଗାର ଓ ସମ୍ବଳ ଅପରିହାର୍ଯ୍ୟ ହୋଇପଡୁଛି । ତେଣୁ ସେମାନେ କାମ ଧନ୍ଦା ଅନ୍ୱେଷଣରେ ଗାଁ, ସହର ଏପରିକି ଦେଶ ଛାଡ଼ି ପ୍ରବାସୀ ହେଉଛନ୍ତି । ନିଜ ଉତ୍ତରପିଢ଼ିର ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ପ୍ରବାସରେ ବିପଦାପନ୍ନ ଜୀବନ ବରଣ କରିବାକୁ ବଳିଦାନ ଭାବେ ଗ୍ରହଣ କରିନେଇଛନ୍ତି । ଏବେ ଆମେରିକାରୁ ବିତାଡ଼ିତ ହେଉଥିବା ପ୍ରବାସୀ ଭାରତୀୟମାନେ ମଧ୍ୟ ସେହି ଦାଦନ ବର୍ଗର । ତେଣୁ ଏହି ଜାତୀୟ ସମସ୍ୟାର ସମ୍ପୂର୍ଣ୍ଣ ଦୂରୀକରଣ କରିବାକୁ ହେଲେ ଅଣତିରୋଟ ସମୟରେ କୃଷି ବିକଳ୍ପ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଧ୍ୟାନ ଦେବା ଆବଶ୍ୟକ ।

ପ୍ରେମିକା !!

ସିଦ୍ଧାର୍ଥ ପ୍ରଧାନ

ରାତିର ଶେଷ ଫିକା ଆଲୁଅରେ
ଜହ୍ନର ଛାୟା ତଳେ ଯେ ଦିଶେ
ସେ ପ୍ରେମିକା....!!

ପ୍ରେମିକର ପ୍ରଥମ ସ୍ପର୍ଶ ରେ
ଯେ ଲଜ୍ଜାଭୀର ମୁହଁ ତଳକୁ କରେ
ସେ ପ୍ରେମିକା....!!

ଅଜଣା ସମୁଦ୍ର ନୌକା ରେ
ଯେ ଚୁପ୍ ଚୁପ୍ ଆସି ନାଉରି ହୁଏ
ସେ ପ୍ରେମିକା....!!

ଅବିବାହିତା ତରୁଣୀ ଦେଖିଲେ
ଯା ସଂନ୍ଦେହୀ ଚାହାଣି ବାଧା
ଦେଉଥାଏ
ସେ ପ୍ରେମିକା....!!

କିଶୋର ଦେହର ରମଣ ମନ
ସ୍ନାୟୁର ଉଷ୍ମତା କି କରିବ ଆନ
ସେ ପ୍ରେମିକା....!!

ଯା ଓଠର ମୃଦୁ ହସରେ
ପ୍ରେମ ଆଲୋଡ଼ନ କରେ
ସେ ପ୍ରେମିକା....!!
ସେ ପ୍ରେମିକା....!!
: ପ୍ରେମିକା ବିନା, ପ୍ରେମିକ ଝଡ଼ା
ପତ୍ର

ନୟାଗଡ଼ .....
ଜୟ ଜଗନ୍ନାଥ

ମୋଦିଙ୍କ ଫ୍ରାନ୍ସ ଗସ୍ତ (୨)

ସୌମେନ୍ଦ୍ର ଜେନା

ମୋଦି ଓ ମାକ୍ରୋନ ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ କାର୍ଯ୍ୟାନୁଷ୍ଠାନ କମିଟିର ସୁପାରିଶ ଅନୁଯାୟୀ ସନ୍ତ୍ରାସବାଦୀ, ସେମାନଙ୍କ ଗୋଷ୍ଠୀ ଏବଂ ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏକମତ ହୋଇଥିଲେ । ଅର୍ଥ ଜାଲିଆତି, ଟିକସଫାଙ୍କି, ସନ୍ତ୍ରାସବାଦକୁ ଅର୍ଥ ଯୋଗାଣ ବନ୍ଦ କରିବାକୁ ଦୁଇଦେଶ ଏଫ୍‌ଏଟିଏଫ, ନୋ ମନୀ ଫର ଟେରର ଏବଂ ଅନ୍ୟାନ୍ୟ ବହୁଦେଶୀୟ ସଂଗଠନ ସହ ମିଶି କାର୍ଯ୍ୟ କରିବାକୁ ରାଜି ହୋଇଥିଲେ । ସନ୍ତ୍ରାସବାଦର ମୁକାବିଲା ପାଇଁ ଭାରତର ଏନ୍‌ଏସ୍‌ଜି ଏବଂ ଫ୍ରାନ୍ସର ଗେଣ୍ଡାମେରୀ ନେସ୍‌ନାଲ ଗ୍ରୁପ୍ ମଧ୍ୟରେ ସହଯୋଗ ଏବଂ ଆଲୋଚନା ଯାହା ୨୦୨୪ରୁ ଆରମ୍ଭ ହୋଇଛି, ତାର ସଫଳତା ଆଶା କରିଥିଲେ । ନୂଆଦିଲ୍ଲୀଠାରେ ମିଲିପୋଲ ୨୦୨୫କୁ ସଫଳ କରିବା ପାଇଁ ଦୁଇଦେଶ କାର୍ଯ୍ୟକରିବାକୁ ଘୋଷଣା କରିଥିଲେ । ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ସହଯୋଗ ବୃଦ୍ଧିପାଇଁ ମତପ୍ରକାଶ ପାଇଥିଲା । ଏହାଛଡା କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଦୁଇଦେଶ ମିଳିତ ଭାବେ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ସ୍ଥିର କରିଛନ୍ତି । ଭାରତର ୟୁପିଆଇ ଦେୟ ବ୍ୟବସ୍ଥାକୁ ଫ୍ରାନ୍ସରେ ଚାଲୁ କରିବାକୁ ଆଲୋଚନା ହୋଇଥିଲା । ଏହାଛଡା ୨୦୨୫ରେ ଭାରତ-ଫ୍ରାନ୍ସ ମଧ୍ୟରେ ହେବାକୁ ଥିବା ସାଇବର ସୁରକ୍ଷା ଆଲୋଚନା ସଂକ୍ରାନ୍ତରେ ମଧ୍ୟ ଚର୍ଚ୍ଚା ହୋଇଥିଲା ।

ପରିବେଶ ସଙ୍କଟ ଦୂର କରିବା ନିମନ୍ତେ ଦୁଇନେତା ସହମତ ହେବା ସହ ପ୍ୟାରିସଚୁକ୍ତି ପ୍ରତି ପ୍ରତିଶ୍ରୁତିବଦ୍ଧତା ଜଣାଇଥିଲେ । ଜାତିସଂଘ ସାମୁଦ୍ରିକ ସମ୍ମିଳନୀ-୩ର ଗୁରୁତ୍ୱକୁ ଦୁଇନେତା ସ୍ୱୀକାର କରିଥିଲେ । ଆଗାମୀ ଦିନରେ ଜୁନ୍ ୨୦୨୫ରେ ଫ୍ରାନ୍ସର ନାଇସ ସହରରେ ଜାତିସଂଘ ସାମୁଦ୍ରିକ ସମ୍ମିଳନୀ ଅନୁଷ୍ଠିତ ହେବ । ସମୁଦ୍ରର ସୁରକ୍ଷା ଏବଂ ଆବଶ୍ୟକ ବ୍ୟବହାର ନିମନ୍ତେ ଦୁଇନେତା ଏକମତ ହେବା ସହ ଫ୍ରାନ୍ସକୁ ମୋଦି ଜାତିସଂଘ ସାମୁଦ୍ରିକ ସମ୍ମିଳନୀର ଆୟୋଜନ ପାଇଁ ସମର୍ଥନ ଜଣାଇଥିଲେ । ଭାରତ -ଫ୍ରାନ୍ସ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ମଧ୍ୟରେ ତ୍ରିକୋଣୀୟ ବିକାଶ ସହଯୋଗ କାର୍ଯ୍ୟରେ ଦୁଇଦେଶ ସାମିଲ ହୋଇଛନ୍ତି । ଫ୍ରାନ୍ସର ପ୍ରୋପାର୍କୋ ସହ ଭାରତର -ମାଇକ୍ରୋ ଫାଇନାନ୍ସ ଅନୁଷ୍ଠାନଗୁଡିକ ୧୩ ମିଲିଅନ ୟୁରୋ ସହାୟତା ମହିଳାମାନଙ୍କ ସଶକ୍ତିକରଣ ପାଇଁ ଦେବା ବଡକଥା । ଆନ୍ତର୍ଜାତିକ ସୌରମେଣ୍ଟ ଭାରତର ଅଧ୍ୟକ୍ଷତାରେ ଠିକଣାରୂପେ ଚାଲିଥିବାରୁ ଆଗାମୀ ଦିନରେ ଏ କ୍ଷେତ୍ରରେ ଅଧିକ ସହଯୋଗ ବୃଦ୍ଧିହେବ ବୋଲି ଦୁଇଦେଶ କହିଥିଲେ ।

୨୦୨୪ରେ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ରେକର୍ଡ ପରିମାଣର ହୋଇଛି । ତଥାପି ଏମିତି ଅନେକ କ୍ଷେତ୍ର ରହିଛି ଯାହାସବୁ ଦୁଇଦେଶ ଆଜିଯାଏଁ ହାତମାରି ନାହାନ୍ତି । ୨୦୨୪ରେ ସହରାଞ୍ଚଳ ବିକାଶ ନିମନ୍ତେ ଫ୍ରାନ୍ସ ସହାୟତାରେ ଅନେକ ପ୍ରକଳ୍ପ ଘୋଷଣା କରାଯାଇଥିଲା । ମଇ ୨୦୨୪ରେ ଭର୍ସାଇଲ ଠାରେ ଅନୁଷ୍ଠିତ ୭ମ ଟୁଜ୍ ଫ୍ରାନ୍ସ ଶିଖର ବୈଠକରେ ଭାରତ ସମ୍ମାନୀତ ଅତିଥି ରାଷ୍ଟ୍ର ଭାବେ ଯୋଗଦାନ କରିଥିଲା । ନଭେମ୍ବର ୨୦୨୪ ଏବଂ ଫେବୃଆରୀ ୨୦୨୫ରେ ଦ୍ୱିପକ୍ଷୀୟ ସିଇଓମାନଙ୍କ ବୈଠକ ସଫଳତା ସହକାରେ ସଂପନ୍ନ ହୋଇଥିବାରୁ ଦୁଇନେତାର ଖୁସି ପ୍ରକାଶ କରିଥିଲେ ।

ଦୁଇଦେଶ ମଧ୍ୟରେ ପରୀସାନ୍ତେ କ୍ୟାମ୍ପସ ଏବଂ ସେଣ୍ଟର ଫର ମଲିକୁଲାର ନ୍ୟୁକ୍ଲିଅର ମଧ୍ୟରେ ହୋଇଥିବା ବୁଝାମଣାକୁ ଦୁଇନେତା ପ୍ରଶଂସା କରିଥିଲେ । ଆଗାମୀ ଦିନରେ ଭାରତ-

ଫ୍ରାନ୍ସ ଲାଇଫ୍ ସାଇନ୍ସ ନବସର୍ଜନ ହବ୍ ଗଠନ ପାଇଁ ଆଲୋଚନା ହୋଇଥିଲା । ଜୁଲାଇ ୨୦୨୪ରେ ମୋଦିଙ୍କ ଫ୍ରାନ୍ସ ଗସ୍ତ ସମୟରେ ନୂଆଦିଲ୍ଲୀର ରାଷ୍ଟ୍ରୀୟ ସଂଗ୍ରହାଳୟ ଏବଂ ଫ୍ରାନ୍ସ ମିଉଜିୟମ ଡେଭଲମେଣ୍ଟ ମଧ୍ୟରେ ଗତ ଡିସେମ୍ବର ୨୦୨୪ରେ ଭାରତର ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେବାଲାଗି ବୁଝାମଣା ହୋଇଥିଲା । ୨୦୨୪ରେ ପ୍ୟାରିସଠାରେ ଅନୁଷ୍ଠିତ ଅଲିମ୍ପିକ ଏବଂ ପାରା ଅଲିମ୍ପିକର ସଫଳ ଆୟୋଜନ ପାଇଁ ଫ୍ରାନ୍ସ ସରକାରଙ୍କୁ ମୋଦି ପ୍ରଶଂସା କରିଥିଲେ । ୨୦୩୬ରେ ଭାରତ ଅଲିମ୍ପିକ ଆୟୋଜନ ପାଇଁ ପ୍ରସ୍ତାବ ଦେଇଥିବା ହେତୁ ସେ କ୍ଷେତ୍ରରେ ଫ୍ରାନ୍ସର ଅନୁଭବ କାର୍ଯ୍ୟରେ ସହାୟକ ହେବ ବୋଲି ଶ୍ରୀ ମୋଦି ପ୍ରକାଶ କରିଥିଲେ । ଫ୍ରାନ୍ସକୁ ପଢିବାକୁ ଆସୁଥିବା ଭାରତୀୟ ଛାତ୍ରଛାତ୍ରୀମାନେ ଏକବର୍ଷ ପାଇଁ ଫ୍ରାନ୍ସର ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟଗୁଡିକରେ ଫ୍ରେଞ୍ଚ ଭାଷା ଶିକ୍ଷା ପାଉଛନ୍ତି । ୨୦୩୦ସୁଦ୍ଧା ଭାରତୀୟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଫ୍ରାନ୍ସରେ ୩୦ହଜାର ଟପିବ ବୋଲି କୁହାଯାଉଛି, ଯାହା ୨୦୨୫ରେ ୧୦ହଜାର ରହିଛି । ଦୁଇଦେଶ ମଧ୍ୟରେ ଶିକ୍ଷିତ ଯୁବବର୍ଗଙ୍କ ଯିବା ଆସିବା ଲାଗି ଭାରତ -ଫ୍ରାନ୍ସ ମାଇଗ୍ରେସନ ଏଣ୍ଡ୍ ମୋବିଲିଟୀ ପାର୍ଟନରସିପ୍ ଏଗ୍ରିମେଣ୍ଟ ଯୋଗୁ ଦକ୍ଷତା ବିକାଶ, ଧନ୍ଦାମୂଳକ ଶିକ୍ଷା ନେବା ପାଇଁ ସୁବିଧା ହେବ ।

ୟୁରୋପ ମହାଦେଶଠାରୁ ଆମେରିକା ସରକାର ଦୂରେଇ ରହିବାକୁ ଚାହୁଁଥିବାରୁ ଆଗାମୀ ଦିନରେ ନାଟୋମେଣ୍ଟ ଦୁର୍ବଳ ହେବା ସହ ୟୁରୋପୀୟ ରାଷ୍ଟ୍ରଗୁଡିକ ଅଧିକ ଚିନ୍ତାରେ ପଡିବେ । ବ୍ରିଟେନର ଅନୁପସ୍ଥିତିରେ ୟୁରୋପର ନେତୃତ୍ୱ ପାଇଁ ଜର୍ମାନୀ ଏବଂ ଫ୍ରାନ୍ସ ଉଦ୍ୟମ କରିବେ । ତେଣୁ ଉଭୟ ଆର୍ଥିକ ଏବଂ ସାମରିକ ଦୃଷ୍ଟିରୁ ଶକ୍ତିଶାଳୀ ହେବା ସହ ବିଶ୍ୱବ୍ୟାପି ପ୍ରଭାବ ବିସ୍ତାର ପାଇଁ ଫ୍ରାନ୍ସ ଉଦ୍ୟମ କରୁଥିବା ବେଳେ ଭାରତକୁ ବିଶ୍ୱାସଯୋଗ୍ୟ ସହଯୋଗୀ କରିବାକୁ ଚାହୁଁଛି । ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଭାରତକୁ ବାଦଦେଇ ଚିନ୍ତା କରିବା ସହଜ ହେବନାହିଁ । ଯେଉଁଥିପାଇଁ ନିକଟରେ ଗ୍ରୀସ ସରକାର ଲୋହିତ ସାଗରଠାରୁ ଭୂମଧ୍ୟ ସାଗର ଏବଂ ସୁଏଜ କେନାଲ ନିକଟବର୍ତ୍ତୀ ଅଞ୍ଚଳରେ ଭାରତ ନିଜର ନୌବାହିନୀକୁ ମୁତୟନ କରିବା ଆବଶ୍ୟକ ବୋଲି ମତ ଦେଇଛନ୍ତି । ୟୁରୋପର ସୁରକ୍ଷାରେ ଭାରତ ଏକ ସହଯୋଗୀ ହୋଇ ଛିଡା ହେଉ ବୋଲି ଗ୍ରୀସ୍ ଅଶା କରୁଛି । ମହାସାଗରୀୟ କ୍ଷେତ୍ରରେ ଭାରତ ନିଜର ଶକ୍ତି ବୃଦ୍ଧି ପାଇଁ ଉଦ୍ୟମ ଆରମ୍ଭ କରି ବିଦେଶରେ ବନ୍ଦର ଅଧିଗ୍ରହଣ ସମେତ କଣ୍ଟେନର ଶିଳ୍ପକୁ ପ୍ରୋତ୍ସାହନ ଦେବା ଆରମ୍ଭ କରିଛି । ଭବିଷ୍ୟତର ବାଣିଜ୍ୟ ପାଇଁ ବହୁଦେଶୀୟ ମାର୍ଗ ପ୍ରସ୍ତୁତ ଦିଗରେ ଉଦ୍ୟମ ଜାରି ରଖିଛି । ଭାରତ ଜନସଂଖ୍ୟା, ଭାରତର ଗଣତନ୍ତ୍ରର, ଭାରତର ବହୁପନ୍ଥୀୟ ବ୍ୟବସ୍ଥା ଅନେକ ରାଷ୍ଟ୍ରପାଇଁ ଆକର୍ଷଣ ହୋଇଥିବା ସମୟରେ ମହାକାଶ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ନିରନ୍ତର ବିକାଶ ପାଇଁ ଭାରତର ମହତ୍ତ୍ୱ ୟୁରୋପରେ ବୃଦ୍ଧିପାଉଛି । ଗ୍ରୀସ୍, ପର୍ତ୍ତୁଗାଲ, ଇଷ୍ଟୋନିଆ, ଆର୍ମେନିଆ ପରି ରାଷ୍ଟ୍ରଗୁଡିକ ଏବେ ଭାରତକୁ ଆଶାପୂର୍ଣ୍ଣ ଦୃଷ୍ଟିରେ ଚାହୁଁଛନ୍ତି । ବିଶ୍ୱମଞ୍ଚରେ ଭାରତର କୂଟନୀତି ଆମେରିକା ଓ ରୁଷିଆ ପରି ଶକ୍ତିଶାଳୀ ହେଉଥିବା ଯୋଗୁ ଅନେକ ରାଷ୍ଟ୍ର ଭାରତର ଭୂମିକାକୁ ଜୋର ଦେଉଛନ୍ତି । ତେଣୁ ଫ୍ରାନ୍ସ ମଧ୍ୟ ଏହି ଦୌଡରେ ଆଗରେ ରହିବାକୁ ଚାହୁଁଛି,ଭାରତର ନିକଟତର ହେବାକୁ ଚାହୁଁଛି । ଭାରତ ମଧ୍ୟ ଏହି ପ୍ରତିଯୋଗିତାରେ ଲାଭ ଉଠାଇବାକୁ ଯୋଜନା ରଖିଛି । ନିଜର ବିଶାଳ ପ୍ରତିରକ୍ଷା ଓ ଆର୍ଥିକ ବଜାରର ଲୋଭ ଦେଖାଇ ଅନ୍ୟ ରାଷ୍ଟ୍ରଗୁଡିକଠାରୁ ଟେକ୍‌ନୋଲୋଜୀ ଉନ୍ନତ ଅସ୍ତ୍ରଶସ୍ତ୍ର ଆଦି ହାସଲ କରିବାକୁ ଚେଷ୍ଟା କରୁଛି ।

ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତାଙ୍କ ଗସ୍ତ ସମୟରେ ଫ୍ରାନ୍ସର ରାଜା ଓ ରାଣୀ ସାକ୍ଷାତ କରିଥିଲେ । ମୋଦି ମାର୍ସିଲ୍ଲେଠାରେ ବିଶ୍ୱଯୁଦ୍ଧରେ ମୃତ ଭାରତୀୟ ସେନାଙ୍କ ସମାଧିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ବ୍ରିଟିଶ୍ ଶାସନ ଅଧିନସ୍ଥ ଭାରତୀୟ ସେନା ବାହିନୀର ଯବାନମାନେ ବିଶ୍ୱଯୁଦ୍ଧରେ ପ୍ରାୟ ୬୦୦୦୦ରୁ ଅଧିର ସଂଖ୍ୟାରେ ପ୍ରାଣବଳୀ ଦେଇଥିଲେ । ପ୍ୟାରିସଠାରେ ଭାରତୀୟ ମୂଳର ଲୋକମାନଙ୍କୁ ମୋଦି ସାକ୍ଷାତ ପ୍ରଦାନ କରି ସମ୍ବୋଧନ ମଧ୍ୟ କରିଥିଲେ ।ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ ଯୋଗୁ ଦ୍ୱିପାକ୍ଷିକ ସଂପର୍କ ଓ ବାଣିଜ୍ୟ ଅଧିକ ବୃଦ୍ଧିପାଇବ ବୋଲି ଆଶା କରାଯାଉଛି ।

+ ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

ଶିକ୍ଷା, ଶିକ୍ଷାନୀତି ଓ ସରକାର

ପୂର୍ଣ୍ଣିମା ସିଂ

ଶିକ୍ଷା ଯାହା ସବୁବେଳେ ସବୁ ସମୟ ପରିସ୍ଥିତିରେ ଆମ ସହିତ ରହି ଆମ ଜୀବନକୁ ଅନ୍ଧକାରରୁ ଆଲୋକ ବର୍ତ୍ତିକା ଦିଗକୁ ମାର୍ଗ ଦର୍ଶନ କରାଇଥାଏ । ଶିକ୍ଷା ମଣିଷ ଜୀବନକୁ ଓ ମଣିଷ ର ସତ୍ କର୍ମକୁ ମାର୍ଜିତ କରାଏ ।

ଆବାହମାନ କାଳରୁ ମନୁଷ୍ୟ ହିଁ ଉଚିତ୍ ପ୍ରକୃତ ସୁଶିକ୍ଷାର ଅଧିକାରୀ ରୂପେ ନିଜକୁ ଦାବି କରେ ଓ ଏହା ସମସ୍ତ ମନୁଷ

ଚିତ୍ରା
ଦେଶ ଦୁନିଆର ନାନାକଥା
ଧ୍ୱନି ପ୍ରତିଧ୍ୱନି
୫ ♣ ବାଲେଶ୍ୱର ♣ ବୁଧବାର ୧୯ ଫେବୃଆରୀ ୨୦୨୫

ବିଶ୍ୱର ପ୍ରଥମ ଚାଲିଲା ହୋଟେଲ

ପ୍ରତ୍ୟେକ ରାଷ୍ଟ୍ରମୁଖ୍ୟ ନଜ ନିଜ ରାଷ୍ଟ୍ରରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ଭିନ୍ନ ଭିନ୍ନ ପଦକ୍ଷେପ ନେଉଥିବାର ଦେଖାଯାଉଛି । ନିକଟରେ ଅଷ୍ଟ୍ରେଲିଆର ସବୁଠୁ ଲୋକପ୍ରିୟ ଗୋଲ୍ଡକୋଷ୍ଟ ଉପକୂଳରେ ବାଲିର ହୋଟେଲ ନିର୍ମିତ କରାଯାଇଛି । ମିଳିଥିବା ତଥ୍ୟ ଅନୁସାରେ, ହଲିଉଡ଼ ଚଳଚ୍ଚିତ୍ରର ସେଟ ଡିଜାଇନ କରୁଥିବା ଡିଜାଇନର ଜୋ ଡାଭଡିଙ୍ଗ ଏହି ବାଲିର ହୋଟେଲକୁ ନିର୍ମାଣ କରିଛନ୍ତି । ୨୪ଟନ ବାଲିରେ ନିର୍ମିତ ହୋଇଥିବା ଏହି ବାଲିର ହୋଟେଲ ୨୧ ଦିନ ମଧ୍ୟରେ ନିର୍ମିତ ହୋଇଛି । ଏକ ବିଳାସମୟ କକ୍ଷ ଓ ୮ଟି ସାଧାରଣ କକ୍ଷ ଥିବା ଏହି ହୋଟେଲର କାନ୍ଥ ଆସବାବପତ୍ର ସବୁକିଛି ବାଲିରେ ନିର୍ମିତ । ନିର୍ମାଣକାରୀ ସଂସ୍ଥାର କହିବାନୁସାରେ ଗ୍ରାହକ କୌଣସି ଅଭିଯୋଗ କରିବାର ସୁଯୋଗ ସେମାନେ ଦେଇନାହାନ୍ତି । ହୋଟେଲରେ ଫ୍ଲୋରିଂ ସମ୍ପୂର୍ଣ୍ଣ ବେଳାଭୂମି ଉପକୂଳ ପରି । ଚାଲିଲା ବେଳେ ଜୋତାରେ ବାଲି ଲାଗିବା ସ୍ୱାଭାବିକ । ଦିନ ପିଛା ଏହି ବାଲି ହୋଟେଲ କକ୍ଷର ଭଡ଼ା ୨୨ହଜାର ଟଙ୍କା ଧାର୍ଯ୍ୟ ହୋଇଛି । ଅନ ଲାଇନ ବୁକିଂ ଆରମ୍ଭ ହୋଇସାରିଥିବା ବେଳେ ୪୧ହଜାର ଲୋକ ୱେଟିଂଙ୍ଗ ଲିଷ୍ଟରେ ଥିବାର ପ୍ରକାଶ ।

କର୍କଟରୁ ବଂଚନ୍ତୁ

ହାର୍ଭାର୍ଡ଼ର ଗବେଷକଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ସୁସ୍ଥ ଜୀବନଶୈଳୀ ଦ୍ୱାରା କର୍କଟକୁ ୨୦-୪୦ ପ୍ରତିଶତ ଏବଂ ଏଥିଜନିତ ମୃତ୍ୟୁ ଆଶଙ୍କାକୁ ୫୦ ପ୍ରତିଶତ ରୋକାଯାଇପାରିବ । ଏବେ ଆସନ୍ତୁ ଜାଣିବୁ ସୁସ୍ଥ ଜୀବନଶୈଳୀ କ'ଣ ? ଏହା ବସ୍ତୁତଃ ଚାରିଟି ଉପଦେଶ ଉପରେ ନିର୍ଭରଶୀଳ । ୧.ଆଦୌ ଧୂମପାନ କରିବ ନାହିଁ, ଯଦି କରୁଛେ, ତୁରନ୍ତ ଛାଡ଼ିବା । ୨., ସୁରାପାନ କରିବା ନାହିଁ । ଯଦି କରିବା, ମହିଳାଙ୍କ କ୍ଷେତ୍ରରେ ଦିନରେ ଗୋଟିଏ ପେଗ, ଏବଂ ପୁରୁଷଙ୍କ କ୍ଷେତ୍ରରେ ଦୁଇ ପେଗ । ୩. କାୟିକ ଘନତ୍ୱ ସୂଚନାଙ୍କ ବା ଇଂରେଜୀରେ ବଡ଼ି ମାସ ଇନଡେକସକୁ ୧୮.୫-୨୭.୫ ମଧ୍ୟରେ ରଖିବା । ୪. ସପ୍ତାହରେ ଅନ୍ୟୁନ ୧୫୦ ମିନିଟ୍ ସାଧାରଣ ବ୍ୟାୟାମ ବା ୭୫ ମିନିଟ କଠିନ ବ୍ୟାୟାମ କରିବା । ଯେଉଁମାନେ ଏଭଳି ଜୀବନଶୈଳୀ ସହ ଅଭ୍ୟସ୍ତ ହୋଇପାରିବେ, ସେମାନେ ଅନ୍ୟମାନଙ୍କ ତୁଳନାରେ କର୍କଟ ଭୋଗିବାର ଆଶଙ୍କା କମ୍ । ଏକ ଲକ୍ଷ ଚାଳିଶ ହଜାର ମଣିଷଙ୍କ ଉପରେ ଲମ୍ବାର ସମୟ ଅଧ୍ୟୟନ ଆଧାରରେ ଗବେଷକମାନେ ଏହି ସିଦ୍ଧାନ୍ତରେ ପହଂଚିଛନ୍ତି । ଏଥିପ୍ରତି ସତର୍କ ରହିଲେ ଫୁସଫୁସ, ମଳାଶୟ, ବୃକ୍କ, ଗଳା, ଯକୃତ, ସ୍ତନ, ଅଗ୍ନାଶୟ ଓ ପୁରସ୍ଥ ଗ୍ରନ୍ଥି କର୍କଟ ଆଶଙ୍କା ଉଲ୍ଲେଖନୀୟ ଭାବେ ହ୍ରାସ ପାଇବ ।

ଷ୍ଟାଚ୍ୟୁ ଅଫ ଲିବର୍ଟିରେ ଡ୍ରୋନ ଫଟୋଗ୍ରାଫି ବନ୍ଦ

ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କସ୍ଥିତ ଷ୍ଟାଚ୍ୟୁ ଅଫ ଲିବର୍ଟିଂ ବିଶ୍ୱର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବରେ ଜଣାଯାଏ । ୧୮୮୬, ଅକ୍ଟୋବର ୨୮ରେ ଫ୍ରାନ୍ସର ଏହି ପ୍ରତିମୂର୍ତ୍ତିକୁ ଆମେରିକା ଉପହାର ଭାବେ ପ୍ରେରଣ କରିଥିଲେ । ୧୫୧ ଫୁଟ ୧ ଇଂଚ ଏହି ମୂର୍ତ୍ତି ନିକଟକୁ ଏବେ କୌଣସି ପର୍ଯ୍ୟଟକ ଡ୍ରୋନ ନେଇ ଫଟୋ ଉଠାଇ ପାରିବେ ନାହିଁ । ପ୍ରତ୍ୟେକ ବର୍ଷ ୩୦ଲକ୍ଷରୁ ଅଧିକ ପର୍ଯ୍ୟଟକ ଏହି ଷ୍ଟାଚ୍ୟୁ ନିକଟକୁ ଆସୁଥିବାବେଳେ ଫଟୋ ଉଠାଇବାର ସଉକ ଅଧିକାଂଶଙ୍କର ରହଉଛି । ତେବେ ଡ୍ରୋନ ଫଟୋଗ୍ରାଫିରେ ଷ୍ଟାଚ୍ୟୁ ଭାଙ୍ଗିଯିବାର ଆଶଙ୍କା ରିହଛି । ୧୩୧ବର୍ଷ ପୂର୍ବେ ନିର୍ମିତ ହୋଇଥିବା ଏହି ମୂର୍ତ୍ତି ଯେପରି କ୍ଷତିଗ୍ରସ୍ତ ନହେଉ, ସେହି କାରଣରୁ ନ୍ୟୁୟର୍କ ଷ୍ଟାଚ୍ୟୁ ଅଫ ଲିବର୍ଟି ସଂଘ ଏହି ନିଷ୍ପତ୍ତି ନେଇଛି । କୌଣସି ବ୍ୟକ୍ତି ଏହି ନିୟମକୁ ଅମାନ୍ୟ କଲେ ତୁରନ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ରୋଷେଇ ଗୃହର ପବିତ୍ରତା

ବାସ୍ତୁଶାସ୍ତ୍ର ମତରେ ରୋଷେଇ ଘର ସଦାସର୍ବଦା ଦକ୍ଷିଣପୂର୍ବ କୋଣ ବା ଅଗ୍ନି କୋଣରେ ୧୨୦ଡିଗ୍ରୀରୁ ୧୬୦ଡିଗ୍ରୀ ମଧ୍ୟରେ ରହିବା ଦରକାର । ଏହି ସ୍ଥାନଟି ଶୁକ୍ର ମହାଗ୍ରହଙ୍କ ସ୍ଥାନ ବୋଲି ବିବେଚନା କରାଯାଏ । ଏହି ସ୍ଥାନଟି ଆମର ଆର୍ଥିକ ସ୍ଥିତି, ସାମାଜିକ ପ୍ରତିଷ୍ଠା, ସମ୍ପର୍କ, ବ୍ୟବସାୟରେ ଲାଭର ସ୍ଥାନ ହୋଇଥାଏ, ଏହା ଜିଓ ବାସ୍ତୁ କହେ । ଯଦି ଏହି ଜାଗାରେ ରୋଷେଇ ଘର ହୋଇଥାଏ, ତେବେ ରୋଷେଇ କରିବା ସମୟରେ ଆମକୁ କେତୋଟି ନିୟମ ପାଳନ କରିବାକୁ ପଡ଼ିବ । ପ୍ରଥମେ ଚୁଲି ଲଗାଇବା ପୂର୍ବରୁ ବା ରୋଷେଇ ଗୃହକୁ ପ୍ରବେଶ ପୂର୍ବରୁ ମହିଳାମାନେ ବା ଯିଏ ରୋଷେଇ କରୁଛନ୍ତି, ଯଦି ସ୍ନାନ, ଶୌଚ ନକରି ରୋଷେଇ ଗୃହକୁ ପ୍ରବେଶ କରନ୍ତି ତେବେ ରୋଷେଇ ଘରେ ନକାରାତ୍ମକ ଶକ୍ତିର ପ୍ରଭାବ ବଢ଼ି ଗୃହରେ ପୁରୁଷ ଓ ମହିଳାଙ୍କ ବୃତି କ୍ଷେତ୍ରରେ କର୍ତ୍ତାର ବୃତି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଥାଏ । ଗୃହରେ ଆର୍ଥିକ ସମସ୍ୟା ସୃଷ୍ଟି ହେବା ସହିତ ଅଯଥା ମାନସିକ ଚିନ୍ତା ବଢ଼ିଥାଏ । ଏଣୁ ରୋଷେଇ ଘରକୁ ସଫା ସୁତୁରା ରଖିବା ସହିତ ଖାଦ୍ୟ ଗୃହ ବାହାରେ ଦେଇ ଆସିବା ପରେ ଭୋଜନ କଲେ କେବେହେଲେ ପେଟ ସମସ୍ୟା ରହିବ ନାହିଁ । ଗୃହର ରୋଷେଇ ଘରେ କେବେହେଲେ ଆମିଷ ରୋଷେଇ କରିବେ ନାହିଁ । ଯଦି ଏହା କରନ୍ତି ଘରର ଉତ୍ତର ପୁରୁଷ ଗୃହ ତ୍ୟାଗ କରିବା ଭଳି ସମସ୍ୟା ସୃଷ୍ଟି ହୋଇଥାଏ । ଘରେ ଯଦି କୌଣସି ଦେବମୂର୍ତ୍ତି, ଶାଳଗ୍ରାମ ଆଦି

ସ୍ନାନ ସାରି ଅଗ୍ନି ଦେବତାଙ୍କୁ ପ୍ରଣାମ କରି ରୋଷେଇ କଲେ ଶୁଭ ହୋଇଥାଏ । ରୋଷେଇ ସରିବା ପରେ ପ୍ରଥମେ ଖାଦ୍ୟରୁ ସାମାନ୍ୟ କିଛି ଅଲଗା ରଖି ଅଗ୍ନି ଦେବତାଙ୍କର ଉଦ୍ଦେଶ୍ୟରେ ପଶୁପକ୍ଷୀମାନଙ୍କୁ ଅର୍ପଣ କଲେ ସ୍ୱାସ୍ଥ୍ୟ କେବେହେଲେ ଖରାପ ହୁଏନାହିଁ । ରୋଷେଇ ଗୃହରୁ ପ୍ରଥମେ ଖାଦ୍ୟ ଆଣି ଐଶାନ୍ୟ କୋଣରେ ଥିବା ଦେବତାଙ୍କୁ ଅର୍ପଣ ରଖିଛନ୍ତି, ତେବେ ଗୃହରେ କେବେହେଲେ ଆମିଷ ରୋଷେଇ କରିବେ ନାହିଁ । ରୋଷେଇ ଘରେ କୌଣସି ବର୍ଜ୍ୟବସ୍ତୁ ଯଥା-ଭଙ୍ଗା ପ୍ଲାଷ୍ଟିକ ଡବା, ବୋତଲ, ଭଙ୍ଗା ବାସନକୁସନ, ଅସଜଡ଼ା ଗ୍ରାଇଣ୍ଡର ଆଦି କେବେହେଲେ ରଖିବେ ନାହିଁ । ଗୃହରୁ ଅଳିଆ ଆବର୍ଜନା ପ୍ରତି ଶନିବାର ବାହାର କରିଦେବା ଉଚିତ । ରୋଷେଇ କଲାବେଳେ ସଦାସର୍ବଦା ପୂର୍ବ ମୁଖ ହୋଇ ରୋଷେଇ କରିବେ । ରୋଷେଇ ଗୃହର ଦ୍ୱାର ପୂର୍ବ, ପଶ୍ଚିମ ବା ଉତ୍ତରରେ ରଖନ୍ତୁ । ରୋଷେଇ ଘର ଝରକା ପୂର୍ବ କିମ୍ବା ଦକ୍ଷିଣକୁ ରଖନ୍ତୁ । ରୋଷେଇ ପାଇଁ ପ୍ଲାଟଫର୍ମ ଘରର ଆଗ୍ନେୟ କୋଣରେ ନିର୍ମାଣ କରନ୍ତୁ ଝରକା ସମ୍ମୁଖରେ ଗ୍ୟାସ ସିଲିଣ୍ଡର କିମ୍ବା ଚୁଲା ରଖନ୍ତୁ ନାହିଁ । ଦ୍ୱାର ମୁହଁରେ ଛିଡ଼ା ହେଲେ ଚୁଲା ବା ସିଲିଣ୍ଡର ଦେଖା ନଯିବା ଉଚିତ । ରୋଷେଇ ଘର ଯଦି ବାୟୁକୋଣରେ ଅର୍ଥାତ୍ ଉତ୍ତର-ପଶ୍ଚିମ କୋଣରେ ହୁଏ ତେବେ ଗୃହରେ ଅଯଥା ଖର୍ଚ୍ଚମାନ ବଢ଼ିଥାଏ । ଉତ୍ତର-ପଶ୍ଚିମ ବା ବାୟୁକୋଣରେ ରୋଷେଇ ଘର ରହିଲେ ଗୃହରେ ସଦାସର୍ବଦା ଅତିଥି ରହିଥାନ୍ତି । ନୈରୁତ କୋଣରେ ଅର୍ଥାତ୍ ଦକ୍ଷିଣ-ପଶ୍ଚିମ କୋଣରେ ରୋଷେଇ ଘର ରହିଲେ ଗୃହ କର୍ତ୍ତା ଦରିଦ୍ର ହୋଇଥାନ୍ତି । ଶୌଚାଳୟ ପାର୍ଶ୍ୱରେ କିମ୍ବା ସମ୍ମୁଖରେ ରୋଷେଇ ଗୃହ ରହିଲେ ସନ୍ତାନମାନଙ୍କୁ ଅସୁଖୀ କରିଥାଏ । ରୋଷେଇ ଗୃହର ରଙ୍ଗ ଗୋଲାପି, କମଳା, ହଳଦିଆ ହେଲେ ଶୁଭ । ଜାତଚକ୍ରରେ ଶୁକ୍ର ଓ ମଙ୍ଗଳ ଗ୍ରହ ଅଶୁଭ ଥିଲେ ମଧ୍ୟ ଆଗ୍ନେୟ କୋଣ ଯଦି ସଠିକ୍ ଥାଏ, ତେବେ ଆମେ ଗ୍ରହ କଷ୍ଟରୁ ମୁକ୍ତି ପାଇପାରିବା ।

ଜୀବନ ରକ୍ଷାକାରୀ ଆସ୍‌ପିରିନ୍

 କ୍ଷଣିକ ରକ୍ତାଘାତ, ଇଂରେଜୀରେ ଟ୍ରାନ୍‌ଜିଏଣ୍ଟ ଇସକେମିକ ଆଟାକ ବା ମିନି ଷ୍ଟ୍ରୋକ ହେଲେ କିମ୍ବା ହୃଦଘାତର ଲକ୍ଷଣ ପ୍ରକାଶ ପାଇଲେ, ସଙ୍ଗେ ସଙ୍ଗେ ଆସପିରିନ ଖାଇନେଲେ, ବେଶ୍ କିଛିଦିନ ପର୍ଯ୍ୟନ୍ତ ବଡ଼ ଧରଣର ହୃଦଘାତ ଆଶଙ୍କା ଦୂରହୁଏ । ମିନି ଷ୍ଟ୍ରୋକ ବେଳେ ମସ୍ତିଷ୍କକୁ ରକ୍ତ ପ୍ରବାହ ଅଳ୍ପ ସମୟ ପାଇଁ ବନ୍ଦ ହୋଇଯାଏ, ପାଂଚଞ୍ଚ ମିନିଟରୁ କମ୍ । ତେଣଉ ଏହାଦ୍ୱାରା କୌଣସି ବଡ଼ ଧରଣର କ୍ଷତି ଘଟେନାହିଁ । ତେବେ, ଏଥିପ୍ରତି ଅବହେଳା କଲେ, ପରିଣାମ ଭୟାବହ

ହୋଇପାରେ । ପରବର୍ତ୍ତୀ ଷ୍ଟ୍ରୋକ ହଜାରେ ଗୁଣ ଅଧିକ କ୍ଷତିକାରୀ । ମିନି ଷ୍ଟ୍ରୋକ ଭୋଗୁଥିବା ତିରିଶ ପ୍ରତିଶତ ଲୋକ କିଛି ଦିନ ଭିତରେ ବଡ଼ ଧରଣର ହୃଦଘାତର ସାମନା କରନ୍ତି । ଛପନ ହଜାର ମଣିଷଙ୍କ ଉପରେ ହୋଇଥିବା ଅଧ୍ୟୟନ ସୂତ୍ରରୁ ପ୍ରକାଶ ଯେ, ମିନି ଷ୍ଟ୍ରୋକ ହେଉହେଉ ଆସପିରିନ ଖାଇନେଲେ, ପରବର୍ତ୍ତୀ କାଳରେ ବଡ଼ ହୃଦଘାତରୁ ବର୍ତ୍ତିବାର ଆଶା ଅଶୀ ପ୍ରତିଶତ ଅଧିକ । ତେଣୁ ମିନିଷ୍ଟ୍ରୋକ ପରେ ଅଧିକ ପରୀକ୍ଷା-ନିରୀକ୍ଷା ପାଇଁ ଅପେକ୍ଷା ନକରି, ଆସପିରିନ ଖାଇନେବା ଉଚିତ । ଏ ସମ୍ପର୍କରେ ଏକ ବିଶେଷ ରିପୋର୍ଟ 'ଦ ଲାନସେଟ୍' ରେ ପ୍ରକାଶ ପାଇଛି ।

କେଶ ଝଡୁଥିଲେ ଆପଣାନ୍ତୁ ଏହି ଘରୋଇ ଉପାୟ

କେଶ ସୁନ୍ଦରତାର ଏକ ପରିଚୟ । ପୁରୁଷ ହୁଅନ୍ତୁ ଅବା ମହିଳା, ସମସ୍ତେ ସୁନ୍ଦର କେଶ ଚାହାନ୍ତି । ଲମ୍ବା କେଶ ଝିଅମାନଙ୍କ ସୁନ୍ଦରତାକୁ ଦ୍ୱିଗୁଣିତ କରିଦିଏ । ହେଲେ ଆମ ପରିବର୍ତ୍ତିତ ଜୀବନଶୈଳୀ କେଶ ଝଡିବାର ଏକ ମୁଖ୍ୟ କାରଣ ପାଲଟିଛି । ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ କିଏ କେତେ କଣ ଉପାୟ ଆପଣାଉଛି । ଅଧିକାଂଶ ଲୋକେ ବିଭିନ୍ନ ହେୟାର୍ କେୟାର୍ ପ୍ରଡକ୍ଟ ବ୍ୟବହାର କରନ୍ତି । ସୁସ୍ଥକର ଖାଦ୍ୟ ସେବନ କରନ୍ତୁ: ଅନେକ ଥର ଲୋକମାନେ ନିଜ କେଶରେ ମହଙ୍ଗା ଦ୍ରବ୍ୟ ପ୍ରୟୋଗ କରନ୍ତି, କିନ୍ତୁ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତି ନାହିଁ । ଏହା ଦ୍ୱାରା କେଶ ଦୁର୍ବଳ ହୋଇଯାଏ ଓ ଝଡେ । ତେଣୁ କେଶକୁ ମଜବୁତ କରିବା ପାଇଁ ସବୁଠୁ ଭଲ ଉପାୟ ହେଉଛି ସୁସ୍ଥକର ଖାଦ୍ୟ ଖାଇବା । ଖାଦ୍ୟରେ ସବୁଜ ପନିପରିବା ସହ ଲୌହଯୁକ୍ତ ଖାଦ୍ୟ ଅନ୍ତର୍ଭୂକ୍ତ କରନ୍ତୁ । ଏହା ବ୍ୟତୀତ ଭିଟାମିନ୍-ସି ସମୃଦ୍ଧ ଖାଦ୍ୟ ଯେପରିକି କିୱି, କମଳା, ବ୍ଲାକବେରୀ ଇତ୍ୟାଦି ସେବନ କରନ୍ତୁ । ଏହା କେଶକୁ ସିଲ୍କ ଏବଂ ଷ୍ଟ୍ରଙ୍ଗ କରିଥାଏ । ଦୈନନ୍ଦିନ ଖାଦ୍ୟରେ ଡ୍ରାଏ ଫ୍ରୁଟ୍ସ ଅନ୍ତର୍ଭୁକ୍ତ କରନ୍ତୁ । ଡାଲି, ଅଣ୍ଡା ଏବଂ ମାଛ ପରି ପ୍ରୋଟିନ୍ ଜାତୀୟ ଖାଦ୍ୟ ମଧ୍ୟ କେଶ ଉପକାରୀ । ପର୍ଯ୍ୟାପ୍ତ ନିଦ ସ୍ୱାସ୍ଥ୍ୟ ପାଇଁ ଏକ ଭଲ ମେଡିସିନ୍ । ଶରୀର ଆବଶ୍ୟକ କରୁଥିବା ଶୋଇବା ଫଳରେ ଅନେକ ରୋଗ ଦୂର ହୋଇଯାଏ । କେଶକୁ ସୁସ୍ଥ ରଖିବାରେ ମଧ୍ୟ ନିଦ ଏକ ଭଲ ଅଭ୍ୟାସ । ଅତିକମରେ ଦିନକୁ ୮ରୁ ୯ ଘଣ୍ଟା ଶୋଇବା ଅଭ୍ୟାସ

କରନ୍ତୁ । ପର୍ଯ୍ୟାପ୍ତ ଶୋଇବା ଫଳରେ କେଶକୁ ରକ୍ତ ସଞ୍ଚାଳନ ସଠିକ୍ ହୋଇଥାଏ । ଫଳରେ କେଶ ଲମ୍ବା ହୋଇଥାଏ । ଏଥିସହ ଚାପ ଓ ଚିନ୍ତା ମଧ୍ୟ ଦୂର ହୁଏ । ସମୟ ସମୟରେ କେଶରେ ତେଲ ଲଗାନ୍ତୁ: ଅଧିକାଂଶ ଲୋକ ଗ୍ରୀଷ୍ମ ଋତୁରେ କେଶରେ ତେଲ ଲଗାନ୍ତି ନାହିଁ । କିନ୍ତୁ ଏପରି କରନ୍ତୁ ନାହିଁ । ଗ୍ରୀଷ୍ମ ହେଉକି ଶୀତ କେଶରେ ନିୟମିତ ଭାବେ ହାଲୁକା ତେଲ ଲଗାନ୍ତୁ । ଏହା ସହିତ, ଅତି କମରେ ୨୦ ମିନିଟ୍ ପାଇଁ କେଶକୁ ମସାଜ୍ କରନ୍ତୁ । ନିଜ କେଶ ଅନୁଯାୟୀ ଆଲମୋଣ୍ଡ, ଅଲିଭ୍, ନଡିଆ ତେଲ କିମ୍ବା ଅନ୍ୟାନ୍ୟ ତେଲ ଲଗାଇପାରିବେ । କେଶ ଧୋଇବାର ୨ରୁ ୩ ଘଣ୍ଟା ପୂର୍ବରୁ ତେଲ ଲଗାନ୍ତୁ ।

ଡାଯାବେଟିସ ଭୋଗୁଥିଲେ ଏଭଳି ବ୍ୟାୟାମ କରନ୍ତୁ

ମଧୁମେହ ଭୋଗୁଥିଲେ, ସପ୍ତାହରେ ତିନି ଦିନ ଅତି କମରେ ୪୫ ମିନିଟ ଭାରଯୁକ୍ତ ବ୍ୟାୟାମ କରନ୍ତୁ । ଆଉ ତିନି ଦିନ କାର୍ଡ଼ିଓ ବ୍ୟାୟାମ । ୩୦-୪୦ ମିନିଟ ସାଇକେଲିଂ, ଦୌଡ଼, ସନ୍ତରଣ, ଟ୍ରେଡ଼ ମିଲରେ ଦୌଡ଼, ସ୍କିପିଂ, ଷ୍ଟେପିଂ ଆଦି ଏଥି ଅନ୍ତର୍ଭୁକ୍ତ । ହାଲିଆ ଲାଗିବା ପର୍ଯ୍ୟନ୍ତ ଏ ଭଳି ବ୍ୟାୟାମ କରନ୍ତୁ । ବିଶ୍ରାମ ନେଇ ପୁଣି କରନ୍ତୁ । ଏହାସହ ବ୍ୟାଡ଼ମଂଟନ, ଟେନିସ, ଫୁଟବଲ, ବାସ୍କେଟବଲ, ରଗବି, ସ୍କ୍ୱାସ, ହ୍ୟାଣ୍ଡବଲ ଖେଳିପାରନ୍ତି ।। କରାଟେ, କୁସ୍ତି, ମୁଷ୍ଟିଯୁଦ୍ଧ ଅଭ୍ୟାସ କରିପାରନ୍ତି । ପୁଷ୍ଟିସାର, ତନ୍ତୁ ତଥା ଧୀରେ ଧୀରେ ହଜମ ହେଉଥିବା ଶ୍ୱେତସାରଯୁକ୍ତ ଖାଦ୍ୟ ଖାଆନ୍ତୁ । ପ୍ରଥମେ ଅଧିକ ପୁଷ୍ଟିସାର ଯୁକ୍ତ ଖାଦ୍ୟ ଖାଇଲେ ରକ୍ତ ଶର୍କରା ନିୟନ୍ତ୍ରଣରେ ରହେ । ଶ୍ୱେତସାର ଯୁକ୍ତ ଖାଦ୍ୟ ଶେଷରେ ଖାଆନ୍ତୁ । ପ୍ରତିଦିନ ମାଛ, କୁକୁଡ଼ା, ମାଂସ, ଅଣ୍ଡାର ଧଳାଅଂଶ, ସୋୟାବିନ, ବୁଟ, ମଟର, ଡାଲି, ରାଜମା, ପନିପରିବା, ଫଳ ଖାଆନ୍ତୁ । ପ୍ରତିଦିନ ଜିଙ୍କ୍ କ୍ରୋମିଅମ, ଭିଟାମିନ ବି ଏବଂ ସି ଖାଆନ୍ତୁ । ୧୦ଗ୍ରାମ ଲେଖାଏଁ ଡାଲଚିନି ଓ ମେଥିଗୁଣ୍ଡ ରାତିରେ ଏକ ଲିଟର ପାଣିରେ ପକାଇ ରଖନ୍ତୁ । ସକାଳେ ପ୍ରତି ଥର ଭୋଜନ ପୂର୍ବରୁ ସେହି ପାଣିରୁ ଦୁଇଢୋକ ପିଅନ୍ତୁ । ରସୁଣ, ଗୁଗୁଳ, ସିଓକ୍ୟୁ-୧୦ ଏନଜାଇମ, ଗ୍ରେପସିଡ଼ ଏକସଟ୍ରାକଟ, ପାଇନାପଲ ଏକସଟ୍ରାକଟ, ଜାମୁକୋଳି, ଧନିଆପତ୍ର ମଧ୍ୟ ପ୍ରତିଦିନ ଖାଇବା ଭଲ ।

ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପୁରୀ, , ୧୮/୨ (ନି.ପ୍ର): ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୦୧ ଗୋଟି ଅଭିଯୋଗ ମିଳିଥିଲା ।ଏଥିରେ ବ୍ୟକ୍ତିଗତ ଅଭିଯୋଗ ୮୧ ଗୋଟି, ଗ୍ରାମ ଅଭିଯୋଗ ୧୫ ଗୋଟି ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ସହାୟତା ପାଇଁ ୫ ଗୋଟି ସମ୍ପର୍କରେ ରହିଥିଲା ।ତନ୍ମଧ୍ୟରୁ ୧୨ ଗୋଟିର ତୁରନ୍ତ ସମାଧାନ କରାଯାଇଥିଲା ।ଅଭିଯୋଗ ଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା ବୋଲି ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଏସ ପି ଦେବବ୍ରତ ଚକ୍ର, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା ରୂପଭାନୁ ମିଶ୍ର, ଅଭିଯୋଗ ଶୁଣାଣି ଅଧିକାରୀ ଆଶୁତୋଷ ଦେ,ଏନଫୋର୍ସମେଂଟ ଅଧିକାରୀ ଲିପ୍ସା ରାୟ, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ ।

ବେଙ୍ଗାଲୁରୁରେ ପ୍ଲାଂଟ ଖୋଲିବ ବ୍ରିଟିଶ କଂପାନୀ ମାର୍ଟିନ ବେକର, ବିମାନର ଇଜେକ୍ସନ ସିଟର କରାଯିବ ନିର୍ମାଣ

ନୂଆଦିଲ୍ଲୀ, ୧୮/୨ : ବ୍ରିଟିଶ ଏୟାରକ୍ରାଫ୍ଟ କଂପାନୀ ମାର୍ଟିନ ବେକର ଭାରତୀୟ ବିମାନର ଇଜେକ୍ସନ ସିଟର ଦେଖାଶୁଣା ଓ ନିର୍ମାଣ ପାଇଁ ବେଙ୍ଗାଲୁରୁରେ ପ୍ଲାଂଟ ଖୋଲିବ । ସ୍ୱଦେଶରେ ନିର୍ମିତ ଇଜେକ୍ସନ ସିଟକୁ ରପ୍ତାନୀ କରିବାର ସୁଯୋଗ ବି ମିଳିବ । ଏହି କଂପାନୀ ୮୩ ଏଲସିଏ ତେଜସ ଏମକେ-୧ଏ ପାଇଁ ୧୦୮ ଆଇଏନ୧୬ଜି ସିଟରୁ ୪୦ ପ୍ରତିଶତ ଯୋଗାଣ ହିନ୍ଦୁସ୍ଥାନ ଏରୋନେଟିକ ଲିମିଟେଡକୁ କରିଛି । ଏଭଳି ଭାବେ ମାର୍କ-୧ ପାଇଁ ବି ୫୧ ଇଜେକ୍ସନ ସିଟ ଡେଲିଭରି କରାଯାଇଛି । ବ୍ରିଟିଶ ମାର୍ଟିନ ବେକର ଏୟାରକ୍ରାଫ୍ଟ କଂପାନୀ ବିମାନ ପାଇଁ ଇଜେକ୍ସନ ସିଟ ଓ ସୁରକ୍ଷା ସଂପର୍କିତ ଉପକରଣ ନିର୍ମାଣ କରିଥାଏ ।

ପେପର ଲିକ୍ ଗୁଜବକୁ ନେଇ ଅଭିଭାବକ ଓ ବିଦ୍ୟାର୍ଥୀଙ୍କୁ ସତର୍କ କଲା ସିବିଏସଇ

ନୂଆଦିଲ୍ଲୀ,, ୧୮/୨ :- କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାର ପ୍ରଶ୍ନ ପତ୍ର ଲିକ୍ ଗୁଜବକୁ ଖଣ୍ଡନ କରିଛି । ଅଭିଭାବକ ଓ ବିଦ୍ୟାର୍ଥୀଙ୍କୁ ବୋର୍ଡ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହେବା ସଂପର୍କରେ ସୋସିଆଲ ମିଡିଆରେ କରାଯାଉଥିବା ମିଛ ପ୍ରତିଶ୍ରୁତି ପ୍ରତି ସତର୍କ ରହିବାକୁ ବୋର୍ଡ କହିଛି । ସିବିଏସଇ ଏକ ଔପଚାରିକ ବୟାନରେ କହିଛି ଯେ, ସେମାନେ ପରୀକ୍ଷା ସୂଚାରୁ ରୂପେ ଓ ନିରପେକ୍ଷ ସଂଚାଳନକୁ ସୁନିଶ୍ଚିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରିଛନ୍ତି । ଏହାସହିତ କହିଛନ୍ତି ଯେ, ବୋର୍ଡ ଜାଣିବାକୁ ପାଇଛି ଯେ, କିଛି ଅସାମାଜିକ ତତ୍ୱ ୟୁଟ୍ୟୁବ, ଫେସବୁକ୍, ଏକ୍ସ ଓ ଅନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପେପର ଲିକ୍ ହେବା କିମ୍ବା ୨୦୨୫ ପରୀକ୍ଷାର ପ୍ରଶ୍ନପତ୍ର ଦେବାକୁ ପ୍ରତିଶ୍ରୁତି ଦେବା ପାଇଁ ଗୁଜବ ପ୍ରଚାର କରୁଛନ୍ତି । ବୟାନରେ କୁହାଯାଇଛି ଯେ, ଏହି ପ୍ରତିଶ୍ରୁତି ନିରାଧାର ଅଟେ ଏବଂ ଏମାନଙ୍କ ଉଦ୍ଦେଶ୍ୟ ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ମଧ୍ୟରେ ଅନାବଶ୍ୟକ ଆତଙ୍କ ସୃଷ୍ଟି କରିବା । ବୋର୍ଡ ସକ୍ରିୟ ଭାବେ ନଜର ରଖିଛି ଏବଂ ଭୁଲ ସୂଚନା ପ୍ରଚାର କରୁଥିବା ବ୍ୟକ୍ତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଉଛି ।

ସୋନିପତ କୋର୍ଟରେ ହାଜର ହେଲେନି ଅରବିନ୍ଦ କେଜରିୱାଲ

ଚଣ୍ଡିଗଡ,୧୭ ଫେବୃୟାରୀ - ଦିଲ୍ଲୀରେ ବିଧାନସଭା ନିର୍ବାଚନ ସମୟରେ ହରିୟାଣା ଉପରେ ଯମୁନା ପାଣିରେ ବିଷ ମିଶାଯାଇଥିବା ଅଭିଯୋଗ ଆଣି ବିବାଦରେ ଫସିଥିବା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆପ ସଂଯୋଜକ ଅରବିନଦ କେଜରିୱାଲ ସୋମବାର ସୋନିପତ କୋର୍ଟରେ ହାଜର ହୋଇନାହାନ୍ତି । କେଜରିୱାଲଙ୍କ ସ୍ଥାନରେ ତାଙ୍କ ଓକିଲ ଭୁବେଶ ମଲିକ କୋର୍ଟ ଆସିଥିଲେ । ସୋନିପତରେ ଜଳସେଚନ ବିଭାଗର ଏକ୍ସଇଏନ ଅଧିକାରୀ ଆଶିଷ କୌଶିକ କୋର୍ଟରେ ପିଟିସନ ଦାୟର କରିଥିଲେ । ଯେଉଁଥିରେ କୁହାଯାଇଛି ଯେ, ଜାନୁୟାରୀ ୨୮ରେ ଯମୁନା ନଦୀକୁ ଲାଗି କରିଥିବା ଅନେକ ଗାଁର ଲୋକେ ଜଳସେଚନ ବିଭାଗର କାର୍ଯ୍ୟାଳୟରେ ପହଂଚିଥିଲେ । ସେମାନେ କହିଥିଲେ ଯମୁନା ନଦୀରେ କାହିଁକି ବିଷ ମିଶାଯାଇଛି । ଏହାଦ୍ୱାରା ମନୁଷ୍ୟ ଓ ପଶୁଙ୍କ ମୃତ୍ୟୁ ହେବ । ଲୋକଙ୍କୁ ଯେତେବେଳେ କାରଣ ପଚରାଯାଇଥିଲା, ସେମାନେ ସୋସିଆଲ ମିଡିଆରେ ଚାଲୁଥିବା ଏକ ଭିଡିଓ କ୍ଲିପ ଦେଖାଇଥିଲେ । ଭିଡିଓରେ ଅରବିନ୍ଦ କେଜରିୱାଲ ବୟାନ ଦେଉଥିଲେ ଯେ, ହରିୟାଣା ସରକାର ଯମୁନା ନଦୀରେ ବିଷ ମିଶାଇଛନ୍ତି । ଦିଲ୍ଲୀ ଜଳ ବୋର୍ଡର ଅଧିକାରୀଙ୍କ ଆଲର୍ଟ କାରଣରୁ ପାଣିରେ ବିଷ ଥିବା ତଥ୍ୟ ମିଳିଛି । ଯେଉଁ କାରଣରୁ ଦିଲ୍ଲୀର ଲୋକଙ୍କ ଜୀବନ ବଂଚିଛି । ଅଧିକାରୀ ପିଟିସନରେ କହିଛନ୍ତି ଯେ, ସେ ସମସ୍ତଙ୍କର ଶୁଣିବା ପରେ ସମସ୍ତଙ୍କୁ ଶାନ୍ତ କରିଥିଲେ । ଭାଇରାଲ ଭିଡିଓରେ ଯେପରି କୁହାଯାଉଛି ସେପରି କିଛି ନଥିବା ସେ କହିଥିଲେ । ପାଣିରେ କୌଣସି ପ୍ରକାରର ବିଷ ନାହିଁ । କେଜରିୱାଲଙ୍କ ବୟାନ ଭୁଲ ଅଟେ । ଏହାପରେ ହରିୟାଣା ସରକାର କେଜରିୱାଲଙ୍କ ବିରୁଦ୍ଧରେ ବିଏନଏସ ଧାରା ୨୨୩ ଅନ୍ତର୍ଗତ କ୍ରିମିନାଲ ଅଭିଯୋଗ ଦାୟର କରିଥିଲେ ।

ଭଦ୍ରକ ଜିଲାରେ ଡାକ୍ତର ମରୁଡି, ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ : ଜିଲାପାଳଙ୍କ ରାତିଅଧିଆ ମେଡିକାଲ ଚଢାଉ

ଭଦ୍ରକ, ୧୭ ଫେବୃୟାରୀ (ହି.ସ.) - ଭଦ୍ରକ ଜିଲାବାସୀଙ୍କ ସ୍ୱାସ୍ଥ୍ୟସେବା ଦାୟିତ୍ୱରେ ରହୁଥିବା ଡାକ୍ତରଙ୍କ ଅଭାବ ଜନିତ ସଂକଟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତର ସମସ୍ୟା ସୃଷ୍ଟି କରିଛି । କେବଳ ଭଦ୍ରକ ଜିଲା ନୁହେଁ ପଡୋଶୀ ବାଲେଶ୍ୱର, କେନ୍ଦୁଝର, କେନ୍ଦ୍ରାପଡା, ଯାଜପୁର ଭଳି ବହୁ ଜିଲାର ପ୍ରାୟ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟସେବାରେ ଆସୁଥିବା ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବହୁ ସ୍ୱାସ୍ଥ୍ୟକେନ୍ଦ୍ରରେ ମାତ୍ର ଶହେ ଭଳି ଡାକ୍ତରଙ୍କ ନିଯୁକ୍ତିକୁ ନେଇ ବୁଦ୍ଧିଜୀବୀ ମହଲରେ ଘୋର ପ୍ରତିକ୍ରିୟା ସୃଷ୍ଟି କରିଛି । ତେବେ ଭଦ୍ରକ ଡାକ୍ତରଖାନାରେ ଡାକ୍ତରମାନେ କିଭଳି ରୋଗୀସେବା କରୁଛନ୍ତି, ତାହାକୁ ନେଇ ଜିଲାପାଳ ଦିଲ୍ଲୀପ ରାଉତରାୟ ଗତକାଲି ରାତିଅଧରେ ଡାକ୍ତରଖାନାରେ ପହଂଚି ଡାକ୍ତର ନଥିବାର ଦେଖି ଆକ୍ସନ ମୋଡରେ ରହିଛନ୍ତି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଲୋକଙ୍କର ଅଭିଯୋଗ ପାଇ ଜିଲାପାଳ ଶ୍ରୀ ରାଉତରାୟ ଗତକାଲି ରାତି ଅଧରେ ଭଦ୍ରକ ଗେଲପୁରସ୍ଥିତ ଜିଲା ମାତୃ ଓ ଶିଶୁ ମଙ୍ଗଳ ୟୁନିଟ୍ (ନୂଆ ଡିଏଚ୍ଏଚ) ରେ କାର୍ଯ୍ୟ କରୁଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗ ଏବଂ ଶିଶୁ ବିଭାଗରେ ପହଂଚିଥିଲେ । ସହର ଠାରୁ ଏହି ଡାକ୍ତରଖାନାଟି ଦୂରରେ ଥିବାରୁ ଏଠାକୁ ଅଧିକାଂଶ ଡାକ୍ତର ଆସୁନଥିବାର ଅଭିଯୋଗ ହୋଇଥିଲା । ରାତିରେ ଶିଶୁଙ୍କୁ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇ ପୁଣି ସେଠାରୁ ନୂତନ ଡାକ୍ତରଖାନାକୁ ନିଆଯାଇଥାଏ । ଏଭଳି ପରିସ୍ଥିତିରେ ଗତକାଲି ଡାକ୍ତର ନଥିବା ନେଇ ଜିଲାପାଳ ଶ୍ରୀ ରାଉତରାୟଙ୍କୁ ସୂଚନା ମିଳିଥିଲା । ସେ ସେଠାରେ ପହଂଚି ଦାୟିତ୍ୱରେ ଥିବା ଡାକ୍ତରଙ୍କ ଅନୁପସ୍ଥିତି ଦେଖି ମୁଖ୍ୟ ଚିକିତ୍ସାଧିକାରୀଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିବା ସହ କାର୍ଯ୍ୟ କରୁନଥିବା ସମସ୍ତ ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି । କିନ୍ତୁ ବାସ୍ତବରେ ଜିଲା ସ୍ୱାସ୍ଥ୍ୟ ବିଭାଗର ସୂଚନା ମୂଳେ ଜିଲାର ମୁଖ୍ୟ ଚିକିତ୍ସାଳୟ ସମେତ ୭ ଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଆଂଚଳିକ ଡାକ୍ତର ଖାନା, ସହରାଂଚଳ ଡାକ୍ତରଖାନା ଓ ୫୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଶାଇ ୬୩ଟି ଡାକ୍ତରଖାନା ରହିଥିବାବେଳେ ଏଗୁଡିକରେ ବିଭିନ୍ନ ପଦପଦବୀରେ ୩୮୦ଟି ଡାକ୍ତର ପଦବୀ ଅନୁମୋଦନ କରାଯାଇଛି । ମାତ୍ର ଏଗୁଡିକରେ ଏବେ ମୋଟ ୧୨୮ ଜଣ ଡାକ୍ତର ରହିଥିବାବେଳେ ସେମାନଙ୍କ ମଧ୍ୟରୁ ବହୁ ଡାକ୍ତର ବିନା ନୋଟିସ୍‌ରେ ଅନୁପସ୍ଥିତ ଥାଇ ଉଚ୍ଚତର ଶିକ୍ଷାପାଇଁ ଚାଲିଯାଇଥିବାରୁ ଜିଲାରେ ପ୍ରାୟ ଶହେ ଭଳି ଡାକ୍ତର ନିୟମିତ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି । ଅନୁରୂପ ଭଦ୍ରକ ଡାକ୍ତରଖାନାର ଆଉଟଡୋର ଓ ଇନଡୋର ଉପରେ ୨ ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରୁଥିବାରୁ ଏହାର ପରିସ୍ଥିତି ଏବେ ସଂଗୀନ ହୋଇପଡିଛି । ମୁଖ୍ୟ ଚିକିତ୍ସାଳୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଅତିରିକ୍ତ ଜିଲା ଚିକିତ୍ସାଧିକାରୀଙ୍କ ଭଳି ବରିଷ୍ଠ ଅଧିକାରୀଙ୍କ ସମେତ ୧୭୧ ଟି ଅନୁମୋଦିତ ପଦବୀ ରହିଥିବାବେଳେ ମାତ୍ର ୨୯ ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି । ପୂର୍ବ ବିଜେଡି ସରକାରଙ୍କ ସମୟରେ ଏଭଳି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ଆଖି ଆଗରେ ରଖି ତତ୍କାଳୀନ ସରକାର ଜିଲାରେ ଅଧିକ ୫୪ ଜଣ ନୂଆ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି କରିଥିଲେ । ମାତ୍ର ସେଥିରୁ ୩୨ ଜଣ କାର୍ଯ୍ୟରେ ଯୋଗ ଦେଇଥିବାବେଳେ ଅଧିକାଂଶ ଚାକିରୀ ଛାଡି ଚାଲିଯାଇଥିବାବେଳେ କେତେକ ଉଚ୍ଚତର ଶିକ୍ଷା (ପିଜି) କରିବାକୁ ପଳାଇଥିଲେ । ସେମାନଙ୍କ ମଧ୍ୟରୁ ଏବେବି ମାତ୍ର ୧୧ ଜଣ ଡାକ୍ତର ରହିଛନ୍ତି । ଲକ୍ଷାଧିକ ଲୋକ ନିର୍ଭର କରୁଥିବା ଏହି ଜିଲାର ୭ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ମଧ୍ୟ ନକହିବା ଭଲ । ଚାନ୍ଦବାଲି, ଆଗରପଡାରେ ଦୀର୍ଘବର୍ଷ ହେବ ଜିଲା ଡାକ୍ତରଖାନା ଅଧୀକ୍ଷକଙ୍କ ପଦବୀ ଫାଙ୍କା ପଡିଥିବାବେଳେ ଉପରୋକ୍ତ ଡାକ୍ତର ମରୁଡି କାର୍ଯ୍ୟ କରୁଥିବା ମୁଷ୍ଟିମେୟ ଡାକ୍ତରଙ୍କ ଉପରେ ଅଧିକ ଚାପ ସୃଷ୍ଟି କରୁଛି । ଜିଲାବାସୀ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦୀର୍ଘଦିନ ହେବ ଦାବି କରିଆସୁଥିବାବେଳେ ଜିଲାରେ ଏଭଳି ଡାକ୍ତର ଅଭାବ ଜନିତ ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ଓ ନେତୃତ୍ୱର ଅଭାବ ପରିଲକ୍ଷିତ ହୋଇଛି । ତତ୍କାଳୀନ ବିଜେଡି ସରକାରଙ୍କ ସମୟରେ ବର୍ତମାନର ନେତୃତ୍ୱ ହାତେଇଥିବା ଯେଉଁ ନେତାମାନେ ସେତେବେଳେ ବିରୋଧୀ ଭୂମିକାରେ ଗଗନ ପବନ ଫଟାଉଥିଲେ, ଏବେ ସେମାନେ ଜିଲାବାସୀଙ୍କ ସମସ୍ୟା ପ୍ରତି ଆଖି ବୁଜିଦେବା ଘଟଣା ଲୋକଙ୍କ ମାନସିକତା ଉପରେ ଆଘାତ ସୃଷ୍ଟି କରିଛି । ତେବେ ଜିଲାରେ ନୂତନ ଡାକ୍ତରଖାନାର ଶୁଭାରମ୍ଭ ଖୁବଶୀଘ୍ର ହେବାକୁ ଯାଉଛି । ଏବେଠୁ ଏହାର ଶ୍ରେୟ ନେବାକୁ ରାଜନୈତିକ ସ୍ତରରେ ପ୍ରତିଯୋଗିତା ଆରମ୍ଭ ହୋଇଥିବାବେଳେ ଜୟଯୁକ୍ତ ହୋଇଥିବା ଜନ ପ୍ରତିନିଧିମାନେ ଲୋକଙ୍କ ମୌଳିକ ସେବା ଡାକ୍ତର ନିଯୁକ୍ତି କ୍ଷେତ୍ରରେ ଚୁପ୍ ରହିବା ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି ।

ହରଜିନ୍ଦର ସିଂହ ଧାମି ଏସଜିପିସି ପ୍ରମୁଖ ପଦରୁ ଦେଲେ ଇସ୍ତଫା

ଚଣ୍ଡୀଗଡ଼, , ୧୮/୨ (ନି.ପ୍ର):ଶୀଖ୍ ମାନଙ୍କ ସର୍ବୋଚ୍ଚ ସଂସ୍ଥା ଶିରୋମଣି ଗୁରୁଦ୍ୱାର ପରିଚାଳନା କମିଟିର ଅଧ୍ୟକ୍ଷ ହରଜିନ୍ଦର ସିଂହ ଧାମି ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି । ଶିରୋମଣି ଅକାଳୀ ଦଳ ତଥା ଏସଜିପିସି ମଧ୍ୟରେ ଚାଲିଥିବା ଟଣାଓଟରା ପରେ ଆଜି ଅଚାନକ ହୋଇଥିବା ଘଟଣା କ୍ରମରେ ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇଛନ୍ତି । ସୋମବାର ଶିରୋମଣି ଅକାଳୀ ଦଳର ଅଧ୍ୟକ୍ଷ ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଖବୀର ବାଦଲଙ୍କ ଝିଅର ବିବାହ ସମାରୋହ ହେଉଥିବା କାରଣରୁ ଅକାଳୀ ଦଳ ଏବଂ ଏସଜିପିସି ର ଅଧିକାଂଶ ନେତା ସେଠାରେ ବ୍ୟସ୍ତ ଥିଲେ । ଅନ୍ୟପକ୍ଷରେ ଅକାଳ ତଖତ ସାହିବର ଜତ୍‌ଥେଦାର ଜ୍ଞାନୀ ରଘୁବୀର ସିଂହ ଏହି ସମୟରେ ବିଦେଶରେ ଅଛନ୍ତି ।

୫ ଦେଶର ରାଷ୍ଟ୍ରଦୂତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନିଜର ପରିଚୟ ପତ୍ର ପ୍ରଦାନ କଲେ

ନୂଆଦିଲ୍ଲୀ, ୧୮/୨ (ନି.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସମାରୋହରେ କଂବୋଡ଼ିୟା, ମାଳଦୀପ, ସୋମାଲିୟା, କ୍ୟୁବା ଏବଂ ନେପାଳର ରାଷ୍ଟ୍ରଦୂତ ତଥା ଉଚ୍ଚାୟୁକ୍ତଙ୍କ ଠାରୁ ପରିଚୟ ପତ୍ର ସ୍ୱୀକାର କରିଛନ୍ତି । ରାଷ୍ଟ୍ରପତି ଭବନର ସୂଚନା ଅନୁସାରେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଯେଉଁ ଲୋକମାନେ ନିଜର ପରିଚୟ ପତ୍ର ପ୍ରଦାନ କରିଛନ୍ତି, ସେମାନଙ୍କ ମଧ୍ୟରେ କଂବୋଡ଼ିୟାର ରାଷ୍ଟ୍ରଦୂତ ରାଥ ମେନି, ମାଳଦୀପର ଉଚ୍ଚାୟୁକ୍ତ ଏଶାଥ ଅଜିମା, ସୋମାଲିୟାର ରାଷ୍ଟ୍ରଦୂତ ଡଃ. ଅବଦୁଲାହି ମହମ୍ମଦ ଓଡୋବା, କ୍ୟୁବାର ରାଷ୍ଟ୍ରଦୂତ ଜକୁଆନ କାର୍ଲୋସ ମାର୍ସନ ଏଗୁଇଲେରା ଏବଂ ନେପାଳର ରାଷ୍ଟ୍ରଦୂତ ଡଃ. ଶଙ୍କର ପ୍ରସାଦ ଶର୍ମା ସାମିଲ୍ ଅଛନ୍ତି ।

ଭକ୍ତଙ୍କ ଭର୍ତ୍ତି କାର ଡିଭାଇଡର ସହ ମୁହାଁମୁହିଁ ଧକ୍କା : ତିନି ମୃତ, ସାତ ଆହତ

ଆଜମଗଡ, ୧୮/୨ (ନି.ପ୍ର):- ଜିଲ୍ଲାର ରାନୀ କି ସରାୟ ଥାନା ଅଂଚଳରେ ମଢଗଓ୍ୱାଂ ଗ୍ରାମ ନିକଟରେ ମହାକୁମ୍ଭରୁ ଫେରୁଥିବା ଭକ୍ତଙ୍କ କାର ସୋମବାର ସକାଳେ ଡିଭାଇଡର ସହ ମୁହାଁମୁହିଁ ଧକ୍କା ହୋଇଛି ।ଦୁର୍ଘଟଣାରେ ମହିଳାଙ୍କ ସମେତ ତିନିଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଛି ଏବଂ ସାତଜଣଙ୍କ ଅବସ୍ଥା ଗୁରୁତର ଦେଖି ଡାକ୍ତରମାନେ ସେମାନଙ୍କୁ ହାୟର ସେଣ୍ଟର ରେଫର କରିଛନ୍ତି । ସମସ୍ତ ଭକ୍ତ ନେପାଳ ଦେଶର ରୁପନଦେଇ ଜିଲ୍ଲାର ବାସିନ୍ଦା । ଆହତଙ୍କ ସହ ଥିବା ଭକ୍ତମାନେ କହିଛନ୍ତି ଯେ ପ୍ରୟାଗରାଜ ମହାକୁମ୍ଭରେ ସ୍ନାନ କରିବା ପାଇଁ ପାଟଂଚାଟି ଗାଡିରେ ପ୍ରାୟ ୩୫ଜଣ ଯାଇଥିଲେ ।ସ୍ନାନ କରିବା ପରେ ଫେରୁଥିବାବେଳେ ସକାଳେ ଆଜମଗଡ ଜିଲ୍ଲାର ମଝଗଓ୍ୱାଂ ନିକଟରେ ଏକ କାର ଡିଓ୍ୱାଇଡର ସହ ଧକ୍କା ହୋଇଥିଲା, ଯେଉଁଥିରେ ଯାତ୍ରୀମାନେ ଆହତ ହୋଇଥିଲେ । ସମସ୍ତଙ୍କୁ ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ତିନିଜଣଙ୍କର ମୃତ୍ୟୁ ଘଟିଛି ଏବଂ ସାତଜଣ ଆହତ ହୋଇଛନ୍ତି । ସାତଜଣଙ୍କର ଅବସ୍ଥା ଗୁରୁତର ଦେଖି ଡାକ୍ତର ହାୟର ସେଣ୍ଟର ଗୋରଖପୁର ରେଫର କରିଛନ୍ତି । ମୃତକଙ୍କ ମଧ୍ୟରେ ଦୁଇ ମହିଳା ଦୀପା ଏବଂ ଗଙ୍ଗା ତଥା ଜଣେ ପୁରୁଷ ଗଣେଶ ନାମକ ବ୍ୟକ୍ତି ଅଛନ୍ତି । ପୋଲିସ ତିନୋଟି ମୃତଦେହକୁ ପୋଷ୍ଟମଟମ ପାଇଁ ପଠାଇଛି ।

ବିଧାନସଭାରେ ଓ୍ୱାଲଟିଅର ଝଡ଼ : ଶୂନ୍ୟକାଳରେ ପ୍ରସଙ୍ଗ ଉଠାଇଲେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଓ ରଣେନ୍ଦ୍ର ପ୍ରତାପ ସ୍ୱାଇଁ

ଭୁବନେଶ୍ୱର, , ୧୮/୨ (ନି.ପ୍ର): - ଡବଲ ଇଞ୍ଜିନ ସରକାର ଓଡିଶାର ରେଳ ଇଞ୍ଜିନକୁ ବନ୍ଦ କରିବାକୁ ଯୋଜନା କରଛନ୍ତି । ଓ୍ୱାଲଟିୟର ଡିଭିଜନକୁ ପୂର୍ବ ତଟ ରେଲବାଇରୁ ଅଲଗା କରାଯିବା ଦ୍ୱାରା ଓ଼ଡିଶାକୁ ଖୁବ କ୍ଷତି ହେବ । ରେଳବାଇ ରାଜ୍ୟ କୈନ୍ଦ୍ରିକ ହେବା ଉଚିତ ନୁହେଁ । ଯଦି ଏହାକୁ ରାଜ୍ୟ କୈନ୍ଦ୍ରିକ କରାଯାଉଛି ତେବେ ଓଡିଶା ପାଇଁ ମଧ୍ୟ ଏପରି କରାଯାଉ । ଅନ୍ୟ ଜୋନରେ ଥିବା ଓଡିଶାର ଅଂଚଳ ଗୁଡିକୁ ପୂର୍ବତଟ ରେଳବାଇରେ ସାମିଲ କରାଯାଉ । ଆଜି ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଛନ୍ତି ବିରୋଧୀ ଦଳର ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ । ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ଚ ଳିତ ମାସ ୭ ତାରିଖ ରେଳ ଓଡିଶାରେ ରେଳ କ୍ଷେତ୍ର ପାଇଁ ଦୁର୍ଭାଗ୍ୟ ଓ କଳା ଦିନ ଥିଲା । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟରେ ଯାହା ନିଷ୍ପତି ନେଇଥିଲେ, ତାହା ଓଡ଼ିଶାର ସ୍ୱାର୍ଥକୁ ଆଘାତ ଦେଇଛି । ପୂର୍ବତଟ ରେଳ ପଥକୁ ଓଡ଼ିଶାର ଗର୍ବ ବୋଲି କୁହାଯାଏ । ପୂର୍ବତଟ ରେଳବାଇ ସବୁଠାରୁ ଲାଭ ଦେଉଥିବା ଜୋନ । କେନ୍ଦ୍ରକୁ ପ୍ରତି ବର୍ଷ ୨୫ ହଜାରରୁ ୩୦ ହାଜର କୋଟିର ଅବଦାନ ଦେଉଛି ପୂର୍ବତଟ ରେଳବାଇ । କିନ୍ତୁ ଦୁର୍ଭାଗ୍ୟ ଯ

କେନ୍ଦ୍ରୀୟ ବିଦ୍ୟାଳୟ ମାଲକାନଗିରିରେ ଯୁବସଂସଦ ଅଧିବେଶନ

ମାଲକାନଗିରି,୧୮।୦୨(ନି.ପ୍ର): ଆଜି କେନ୍ଦ୍ରୀୟ ବିଦ୍ୟାଳୟ ମାଲକାନଗିରିରେ ବିଦ୍ୟାଳୟ ଅଧକ୍ଷ ଡଃ. କୈଳାଶ ମୀନାଙ୍କ ତତ୍ତ୍ୱାବଧାନରେ ଯୁବସଂସଦ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଭିନ୍ନ ଭୂମିକା ଯଥା ବାଚସ୍ପତି, ବିଭଗୀୟ ମନ୍ତ୍ରୀ, ସାଂସଦ ତଥା ସଂସଦରେ କାର୍ଯ୍ୟରତ ବିଭିନ୍ନ କର୍ମଚାରୀଙ୍କ ଭୂମିକା ନିଭେଇଥିଲେ । ଏହି ଅଧିବେଶନ ଦେଶର ବିଭିନ୍ନ ସମସ୍ୟା ଯଥା ମହିଳା ସଂରକ୍ଷଣ ବିଧେୟକ, ରେଳ ଦୁର୍ଘଟଣା, ସ୍ୱାସ୍ଥ୍ୟ ସମସ୍ୟା, ପରିବହନ ଉପରେ ଆଲୋଚନା ଏବଂ ପର୍ଯ୍ୟାଲୋଚନା ହୋଇଥିଲା । ବିରୋଧୀ ଦଳ ଦେଶରେ ଉପୁଜୁଥିବା ବିଭିନ୍ନ ସମସ୍ୟାକୁ ନେଇ ଶାସକ ଦଳକୁ ପ୍ରଶ୍ନ କରି ଜବାବ ତଲବ କରିଥିଲେ । ଏହି ଯୁବ ସଂସଦ ଅଧିବେଶନ ମାଧମରେ ଛାତ୍ରଛାତ୍ରୀ ମାନଙ୍କ ମଧରେ ନିର୍ବାଚିତ ଲୋକ ପ୍ରତିନିଧି ମାନଙ୍କ ଦେଶ ଏବଂ ଦେଶବାସୀଙ୍କ ପ୍ରତି କର୍ତବ୍ୟ, ସଂସଦର ଗାରିମା, ମୌଳିକ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୁପେ ବିଦ୍ୟାଳୟ ସଂଚାଳନା ସମିତିର ସଦସ୍ୟ ଡ଼.ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇଥିଲେ ଏବଂ ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନେ ଉପସ୍ଥିତ ରହି ଯୁବ ସାଂସଦ ମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ । ସାଂସଦ ମାନଙ୍କ ଭୂମିକା ଏବଂ ପ୍ରଦର୍ଶନକୁ ନେଇ ଶ୍ରେଷ୍ଠ ସାଂସଦ ଏବଂ ଅନ୍ୟ ଭୂମିକା ରେ ଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଷ୍ଟମ ଶ୍ରେଣୀ ର ଛାତ୍ର ଶ୍ରେୟଂଶ ପଟ୍ଟନାୟକ ଏଥିରେ ପ୍ରଥମ ହୋଇଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଭି. ଅଶୋକ କୁମାର, ଅମିତ ଦାସ, ରଂଜିତ କୁମାର ପାତ୍ର ଏବଂ ନରେଶ ପ୍ରଧାନ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅମିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ଆଜିଠୁ ଦଶମ ପ୍ରଶାନ୍ତ ରାଉତରାୟ ମେମୋରିଆଲ କ୍ରିକେଟ, ଜର୍ସି ଉନ୍ମୋଚିତ

ଭୁବନେଶ୍ୱର,୧୮/୨(ନି.ପ୍ର) : ରାଜ୍ୟସ୍ତରୀୟ ପ୍ରଶାନ୍ତ ରାଉତରାୟ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଟ ଆସନ୍ତା କାଲି ୧୯ତାରିଖରୁ ବିଜେବି କଲେଜ ଖେଳ ପଡ଼ିଆରେ ଭୁବନେଶ୍ୱର ଓକିଲ ସଂଘ ଆନୁକୁଲ୍ୟାଲରେ ଆରମ୍ଭ ହେବାକୁ ଯାଉଅଛି । ଏହି ଟୁର୍ଣ୍ଣାମେଟର ଓଡ଼ିଶାର ବିଭିନ୍ନ ଓକିଲ ସଂଘର ୮ଟି ଟିମ୍ ଅଂଶଗ୍ରହଣ କରିବେ । ଏଥିରେ ବିଚାବିଭାଗୀୟ ଏକାଦଶ ସହ ପ୍ରଶାସନ ଏକାଦଶ ଖେଳ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରଶାନ୍ତ ରାଉତରାୟ ମେମୋରିଆଲ କ୍ରିକେଟ ଜର୍ସି ଉନ୍ମୋଚିତ ହୋଇଛି। ଏଥିରେ ଭୁବନେଶ୍ୱର ଓକିଲ ସଂଘ ସମ୍ପାଦକ ଦିପକ କୁମାର ଦାଶ, ଯୁଗ୍ମ ସମ୍ପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଖେଳ କମିଟି ଅଧକ୍ଷ ସୂର୍ଯ୍ୟ ନାରାୟଣ ଦାସ, ସହ ଅଧକ୍ଷ ସନ୍ତୋଷ ଚୌଧୁରୀ, ଭୁବନେଶ୍ୱର ଟିମ୍ କ୍ୟାପ୍‌ଟେନ୍ ସୁମନ ରାଉତରାୟ, ଖେଳ ପରିଚାଳଣା କମିଟି ସଦସ୍ୟ ଜୟନ୍ତ କୁମାର ଜେନା, ନିହାର ରଞ୍ଜନ ସେଠୀ ଓ ଖେଳ କମିଟି ମ୍ୟାନେଜର ରମାକାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତଥିଲେ।

ବ୍ଲକ୍ ସ୍ତରୀୟ ନିପୁଣ ଓଡ଼ିଶା ମେଳା ୨୦୨୫ ଅନୁଷ୍ଠିତ

ଭଦ୍ରକ,୧୮।୦୨(ନି.ପ୍ର): ବାସୁଦେବପୁର ବ୍ଲକ ସ୍ତରୀୟ ନିପୁଣ ଓଡ଼ିଶା ମେଳା ୨୦୨୫ ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବକ୍ତବ୍ୟ ପ୍ରଦାନ କରିଥିଲେ। ଡି ଆଇ ଇ ଟି ଆଗରପଡ଼ାର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଭବାନୀ ଶଙ୍କର ଦାସ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ନିପୁଣ ଓଡ଼ିଶା ମେଳା ର ଆଭିମୁଖ୍ୟ ଉଦ୍ଦେଶ୍ୟ ଓ କାର୍ଯ୍ୟ ସଂପର୍କରେ ବର୍ଣ୍ଣନା କରିଥିଲେ। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ କୁମାର ଦ୍ୱିବେଦୀ, ଉର୍ମିଳା କର, ଅମିୟ କୁମାର ମହାଳିକ, ଅଟଳ ବିହାରୀ ହାଇସ୍କୁଲର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶୁଭ ଲକ୍ଷ୍ମୀ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଓ ବକ୍ତବ୍ୟ ରଖିଥିଲେ। ବାସୁଦେବପୁର ବ୍ଲକ ସ୍ତରୀୟ ଦୁଇଟି କ୍ଲଷ୍ଟର ମଣ୍ଡଳ ପୋଖରୀ ଓ ବାସୁଦେବପୁର କ୍ଲଷ୍ଟର ଏହି କାର୍ଯ୍ୟ କ୍ରମ କୁ ଆୟୋଜନ କରିଥିଲେ। ଗୋଲାପ ସୁନ୍ଦର ନାୟକ ଓ ରମେଶ ଚନ୍ଦ୍ର ନାଥ ଯୁଗ୍ମ ଭାବରେ ଏହି କାର୍ଯ୍ୟ କ୍ରମ ରେ ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ। ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ ଶିକ୍ଷକ ରାଜେନ୍ଦ୍ର କୁମାର ମାହନ୍ତ। ତୁଳମତୁଳା ସି ଆର ସି ସି ରାଜେନ୍ଦ୍ର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଗୋଲାପ ସୁନ୍ଦର ନାୟକ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ୨୩ ଟି କ୍ଲଷ୍ଟର ର ସମସ୍ତେ ସହଯୋଗ କରିଥିଲେ। ବ୍ଲକ ର ବିଭିନ୍ନ ବିଦ୍ୟାଳୟ ରୁ ଛାତ୍ର ଛାତ୍ରୀ ମାନେ ଆସିଥିଲେ। ଶହେଟି ଭାଷା ଜ୍ଞାନ ଓ ଶହେଟି ସଂଖ୍ୟା ଜ୍ଞାନ ଓ ମୌଳିକ ସାକ୍ଷରତା ଶିକ୍ଷଣ ସାମଗ୍ରୀ ଏଥିରେ ପ୍ରଦର୍ଶିତ ହୋଇ ଥିଲା। ବ୍ଲକ୍ ର ସମସ୍ତ ଉତ୍ସର୍ଗୀ କୃତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ବ୍ଲକ୍ ଶିକ୍ଷା ଅଧିକାରୀ ପୁରସ୍କୃତ କରିଥଲେ। ଦୁଇ ଶହରୁ ଅଧିକ ଅଭିଭାବକ ଲିଖିତ ମତାମତ ପ୍ରଦାନ କରିଥିଲେ।

ନୀଳଗିରି ଜିଲ୍ଲା ଗଠନ ଦାବିନେଇ ବୈଠକ

ନୀଳଗିରି,୧୮।୦୨(ନି.ପ୍ର): ନୀଳଗିରିକୁ ସ୍ୱତନ୍ତ୍ରଜିଲ୍ଲା ଗଠନ ଏବଂ ଘୋଷଣା ଦାବିନେଇ ବାରମ୍ବାର ଦାବି ହେଉଥିବା ବେଳେ ମଙ୍ଗଳବାର ଅପରାହ୍ନ ୪ଟା ସମୟରେ ନୀଳଗିରି ଡାକବଙ୍ଗଳା ପରିସରରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ବାଉଁଶ ବଣିଆ ସରପଞ୍ଚ ନିରଞ୍ଜନ ବାରିକ, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠୀ, ଶ୍ରମିକନେତା ସୁରେଶ ଚନ୍ଦ୍ର ବେହେରା, ଆଇନଜୀବୀ କିଶୋର ଦାସ, ଦେବାନନ୍ଦ ଦାସ, ନିହାର ପରିଡା, ସମାଜସେବୀ ଅନାଦି ବେହେରା, ପରମାନନ୍ଦ ପାତ୍ର, ରେଖା ହେମ୍ବ୍ରମ, ଅବସରପ୍ରାପ୍ତ ବନଅଧିକାରୀ ଗିରିଧାରୀ ବେହେରା, ରାଜସ୍ୱ ସୁପରଭାଇଜର ପ୍ରମୁଖ ଉପସ୍ଥିତ ରହି ଭାରତବର୍ଷର ପ୍ରଥମ ଗଡ଼ଜାତ ରାଜ୍ୟ ନୀଳଗିରି ସ୍ୱାଧୀନ ଭାରତରେ ସମ୍ମିଶ୍ରଣ ପରେ ନୀଳଗିରିକୁ ସ୍ୱତନ୍ତ୍ର ଅଧିକାର ପ୍ରଦାନ ପାଇଁ ଆଇନ ରହିଥିବା ବେଳେ ନୀଳଗିରିକୁ ଜିଲ୍ଲାମାନ୍ୟତା ଆମର ନାର୍ଯ୍ୟ ଅଧିକାର ବୋଲି ମତ ରଖିଥିଲେ। ଏନେଇ ବାରମ୍ବାର ଦାବି ହୋଇଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନନେବା ନୀଳଗିରି ବାସୀଙ୍କ ପାଇଁ ଉପହାସ ସଦୃଶ। ତେଣୁ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବାକୁ ନୀଳଗିରି ବାସୀଙ୍କୁ ଆହ୍ୱାନ ଦେବା ସହିତ ଖୁବଶୀଘ୍ର ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥହୋଇ ପକ୍ଷ ରଖିବାକୁ କାର୍ଯ୍ୟକାରୀକମିଟି ତରଫରୁ ସୂଚନା ଦିଆଯାଇଛି। ଏଥିସହିତ ଆଗାମୀ ମାର୍ଚ୍ଚ ୨୧ତାରିଖ ସାଧାରଣ ପରିଷଦ ବୈଠକ କରାଯାଇ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିବା ସୂଚନା ମିଳିଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଆଗାମୀ ୭ଦିନ ପର୍ଯ୍ୟନ୍ତ ...

ପବନ ସାଙ୍ଗକୁ ବଜ୍ରପାତ ନେଇ ଚେତାବନୀ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର, ଯାଜପୁର, ଢ଼େଙ୍କାନାଳ, ଅନୁଗୁଳ ଏବଂ ସୁନ୍ଦରଗଡ଼ ।
ସେହିପରି ୨୧ ତାରିଖ ସକାଳ ଠାରୁ ୨୨ ତାରିଖ ସକାଳ ପର୍ଯ୍ୟନ୍ତ କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ଚେତାବନୀ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, ବାଲେଶ୍ୱର ଏବଂ କେନ୍ଦୁଝର ।
ସେହିପରି ୨୨ ତାରିଖ ସକାଳ ଠାରୁ ୨୩ ତାରିଖ ସକାଳ ପର୍ଯ୍ୟନ୍ତ କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ଚେତାବନୀ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ଼ । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

ପାଞ୍ଚ ଦିନିଆ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ ଉଦ୍‌ଯାପିତ

ପଲ୍ଲୀଶ୍ରୀ ମେଳାରେ ୧୦ କୋଟି ୮୯ଲକ୍ଷ ଟଙ୍କାର ବ୍ୟବସାୟ

ଭଦ୍ରକ, ତା ୧୮.୨.୨୦୨୫ ରିଖ । ଫେବୃୟାରୀ ୧୩ ତାରିଖରୁ ନେହେରୁ ଷ୍ଟାଡ଼ିୟମ୍ ପରିସରରେ ପଲ୍ଲୀଶ୍ରୀ ମେଳା ଓ କୃଷି ଯନ୍ତ୍ରପାତି ମେଳାକୁ ନେଇ ଅନୁଷ୍ଠିତ ହୋଇ ଆସିଥିବା ୫ ଦିନିଆ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ଭଦ୍ରକ ଜିଲ୍ଲା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସନ୍ଧ୍ୟା ଆସରରେ ଅନ୍ୟତମ ଅତିଥି ଭାବେ ଭଦ୍ରକ ଏସ୍.ପି. ମାଡ଼କର ସନ୍ଦୀପ ସମ୍ପତ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ସରୋଜ କୁମାର ଦତ୍ତ ଯୋଗ ଦେଇ ଭଦ୍ରାୟଣୀର ସଫଳ ଭେଟି ଏବଂ ଆଗାମୀ ବର୍ଷମାନଙ୍କରେ ଭଦ୍ରାୟଣୀର କଳେବର ଆହୁରି ଅଧିକ ଆକର୍ଷଣୀୟ ହେଉ ବୋଲି ପ୍ରକାଶ କରିଥିଲେ । ଏହି ବର୍ଣ୍ଣାଢ଼୍ୟ ଉତ୍ସବରେ ସାରା ସହରବାସୀ ଉଲ୍ଲସିତ ଓ ଏକ ଉତ୍ସବ ମୁଖର ପରିବେଶରେ ଭରପୂର ହୋଇ ନିଜର ଆବଶ୍ୟକତା ଭିତ୍ତିରେ ବିଭିନ୍ନ ଦ୍ରବ୍ୟ କ୍ରୟ କରିବା ସହିତ ସନ୍ଧ୍ୟାରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ । ଏଥିରେ ସମୁଦାୟ ୨୪୦ଟି ଷ୍ଟଲ ହୋଇଥିଲା । ତନ୍ମଧ୍ୟରୁ ୯୦ଟିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଓରମାସ ପ୍ରାୟୋଜିତ ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ଗ୍ରାମୀଣ ଉଦ୍ୟୋଗ ପାର୍କ, ପ୍ରତ୍ୟୁସର ଏଣ୍ଟରପ୍ରାଇଜ୍ ଓ କାରିଗରମାନେ ଭାଗ ନେଇଥିଲେ । ଭଦ୍ରକ ଜିଲ୍ଲାର ୭ଟି ବ୍ଲକରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ଭାଗ ନେଇଥିଲେ । ୧୦ଟି ଷ୍ଟଲରେ ରାଜ୍ୟ ବାହାରର କାରିଗରମାନେ ଭାଗ ନେଇଥିଲେ । ଯେଉଁଥିରେ କି ବାଉଁଶ କାରିଗର, ବନାରସୀ ଶାଢ଼ୀ, ପିତ୍ତଳ ଦ୍ରବ୍ୟ, ଡ୍ରେସ, କାଠକାମ, ଧୂପ, ବେଡ଼ସିଟ୍, ବିଭିନ୍ନ ଜୁଏଲାରୀ ଆଦି କରିଗର ଭାଗ ନେଇଥିଲେ । ଏକ ଥିମ୍ ଷ୍ଟଲରେ ହସ୍ତତନ୍ତର ଲାଇଭ୍ ଡ଼େମୋନଷ୍ଟ୍ରେସନ୍ ହେଉଥିଲା । ୬ଟି ଷ୍ଟଲରେ ସେବା ସଂସ୍ଥା ଥିଲେ, ୨୧ଟି ଷ୍ଟଲରେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରିବା ପାଇଁ ବିଭିନ୍ନ ବିଭାଗମାନେ ଅଂଶ ଗ୍ରହଣ କରିଥିଲେ। ୩ଟି ଷ୍ଟଲରେ ବ୍ୟାଙ୍କ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ୩୫ଟି ଷ୍ଟଲ, କୃଷି ବିଭାଗର ୪୦ଟି ଷ୍ଟଲ, ଖାଦ୍ୟ ନିମନ୍ତେ ୩୫ଟି ଷ୍ଟଲ ଖୋଲା ଯାଇଥିଲା । ଉକ୍ତ ମହୋତ୍ସବରେ ଜିଲ୍ଲାର ଅଂଶ ଗ୍ରହଣ କରିଥିବା ସମସ୍ତ ବିଭାଗ ମଧ୍ୟରୁ ସର୍ବୋତ୍ତମ ପ୍ରଦର୍ଶନ ନିମନ୍ତେ ଜିଲ୍ଲା ଉଦ୍ୟାନ, କୃଷି, ସର୍ବାଧିକ ବିକ୍ରୟ ବିଭାଗ, କୃଷି ଓ ଉତ୍ପାଦ ନିର୍ଦ୍ଦେଶାଳୟ, ଭଦ୍ରକ, ସର୍ବୋତ୍ତମ ଅଭିନବ ଉତ୍ପାଦକ ନିମନ୍ତେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗକୁ ପୁରସ୍କୃତ କରାଯାଇଥିଲା । ସେହିପରି ସର୍ବୋତ୍ତମ ପ୍ରଦର୍ଶନ ନିମନ୍ତେ ଗ୍ରାମୀଣ ଉଦ୍ୟୋଗ ପାର୍କ, ନର୍ସରୀ ଲାଇଭ, ଯାଜପୁର, ସର୍ବାଧିକ ବିକ୍ରେତା ଭାବେ ଜୟହନୁମାନ ଉତ୍ପାଦକ ଗୋଷ୍ଠୀ, ସୁବର୍ଣ୍ଣପୁର, ସର୍ବୋତ୍ତମ ଉତ୍ପାଦ ପାଇଁ ମା ଭବାନୀ ଶୁଖୁଆ ଉତ୍ପାଦକ ଗୋଷ୍ଠୀ, ଚାନ୍ଦବାଲି, ଭଦ୍ରକ ଓ ସର୍ବଶ୍ରେଷ୍ଠ ଉଦ୍ୟୋଗୀ ଭାବେ କେ.ସି.ଏସ୍. ପାୱାର (ଶ୍ୟାମ ନୀମ୍‌କିନ୍) ସୁରଜ କୁମାର ସାହୁ, ଅସୁରାଳୀକୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ସମୀକ୍ଷା କଲେ କେନ୍ଦ୍ରୀୟ ଦଳ

କଟକ,୧୮।୦୨(ନି.ପ୍ର):ଆଠଗଡରେ ଗତ ୧୦ ତାରିଖରୁ ଚାଲିଥିବା ଫାଇଲେରିଆ ନିରାକରଣ ଅଭିଯାନ କାର୍ଯ୍ୟକ୍ରମକୁ କେନ୍ଦ୍ର ଓ ରାଜ୍ୟ ଦଳ ମଙ୍ଗଳବାର ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଆଠଗଡ ଏନଏସି ଅଞ୍ଚଳର ଚାଲିଥିବା ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିବା ଉକ୍ତ ମିଳିତ ଦଳ ସନ୍ତୋଷ ପ୍ରକାଶ କରିବା ସହ ପ୍ରଶଂସା କରିଥିଲେ । କେନ୍ଦ୍ରୀୟ ଦଳର ମୁଖ୍ୟ ଡାକ୍ତର ବଦ୍ରି ଥାପା ଓ ଅନ୍ୟମାନେ ପ୍ରଥମେ ଉପଖଣ୍ଡ ଡାକ୍ତରଖାନା ପରିସରରେ ଥିବା ଫାଇଲେରିଆ କ୍ଲିନିକ ଓ ପରେ ଏନଏସିର କନ୍ତୋଲ ଅଞ୍ଚଳ ପରିଦର୍ଶନ କରିଥିଲେ । କନ୍ତୋଲ ମଙ୍ଗଳା ମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ସାନ୍ଧ୍ୟକାଳୀନ ସଚେତନତା କାର୍ଯ୍ୟକ୍ରମରେ ସେମାନେ ଯୋଗଦେଇ ସର୍ବପ୍ରଥମେ ନିଜେ ଫାଇଲେରିଆ ଔଷଧ ସେବନ କରି ଅନ୍ୟମାନଙ୍କୁ ଏଥିପାଇଁ ଉତ୍ସାହିତ କରିଥିଲେ । ଏହି ମିଳିତ ଦଳରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଡାକ୍ତର ଶ୍ୟାମବନ୍ଧୁ ରଥ, ଡା.ଦୀପକ୍ କୁମାର କର, ଡା.ବିଶ୍ୱ ପ୍ରକାଶ ଦତ୍ତ, ଡା.ସୁଧାଂଶୁ ଦାସ, ଡା.ପ୍ରଭାକର ସାହୁ, ଡା.ସୁବ୍ରତ କୁମାର ପଣ୍ଡା ଏବଂ ଜିଲ୍ଲାର ଡା.ରଞ୍ଜନ କୁମାର ସିଂହ, ସଂଯୋଜକ ଦୀପକ କୁମାର ସାହୁ, ତୃପ୍ତିରାଣୀ ନାୟକ ଓ ମନ୍ଦାକିନୀ ବେହେରା ପ୍ରମୁଖ ପରିଦର୍ଶନରେ ଆସି ସମୀକ୍ଷା କରିଥିଲେ । ଆଠଗଡ ଉପଖଣ୍ଡ ଡାକ୍ତରଖାନା ଅଧିକ୍ଷକ ଡାକ୍ତର ବିଜୟ କୁମାର ମିଶ୍ର, ପରିଚାଳକ ପୂଜାଲିନ ମିଶ୍ର, କାର୍ଯ୍ୟକ୍ରମର ସଂଯୋଜକ ମହମ୍ମଦ୍ ଅସଲମ୍ ପ୍ରମୁଖ ଏଠାରେ ଚାଲିଥିବା ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅଭିଯାନରେ ସଂପୃକ୍ତ ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନବାଡି କର୍ମୀ, ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଏବଂ ବିଭିନ୍ନ ୱାର୍ଡର କାଉନସିଲର ଉପସ୍ଥିତ ଥିଲେ ।

ଏସ୍. ଇ. ରେଳବାଇ

ଟେଣ୍ଡର ନୋଟିସ୍ ନମ୍ବର: **TRD-KGP-W-2024- 25-14RT**, ତାରିଖ: ୧୭.୦୨.୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ସିନିୟର **DEE/TRD**, ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର- ୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ ତାରିଖରେ ୧୫.୦୦ ଘଣ୍ଟା ପୂର୍ବରୁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବ। କାର୍ଯ୍ୟର ବର୍ଣ୍ଣନା: ଖଡ଼ଗପୁର-ଭଦ୍ରକ ସେକ୍ସନ ସ୍ୱୟଂଚାଳିତ ସିଗନାଲିଂ କାର୍ଯ୍ୟ ସହିତ ଜଡିତ ୨୫କଭଲ ସହାୟକ ଟ୍ରାନ୍ସଫର୍ମର ଯୋଗାଣ ଏବଂ ଷ୍ଟେସନ କାର୍ଯ୍ୟ ନିୟମ **(SWR)** ର ପରିଶିଷ୍ଟ-'ଏ' ର ପ୍ରସ୍ତୁତି ଏବଂ ଯୋଗାଣ, ଖଡ଼ଗପୁର-ଭଦ୍ରକ ସେକ୍ସନ ସ୍ୱୟଂଚାଳିତ ସିଗନାଲିଂ କାର୍ଯ୍ୟ ସହିତ ଜଡିତ ସେକ୍ସନିଂ/ଷ୍ଟିମାଟିକ୍ ଡାଇଗ୍ରାମ ବୋର୍ଡ ଏବଂ ସିଗମା ବୋର୍ଡର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ୨,୨୯,୧୮,୨୩୪.୬୦। ରଗଡ: ୨,୬୪,୬୦୦। ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: କୌଣସି ନାହିଁ। ଖୋଲିବାର ତାରିଖ: ୧୩.୦୩.୨୦୨୫। ସମାପ୍ତି ଅବଧି: ୧୮ (ଅଠର) ମାସ। ଦାଖଲ ତାରିଖ: ୧୩.୦୩.୨୦୨୫ ତାରିଖ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ନିର୍ଦ୍ଦିଷ୍ଟକରଣ ପାଇଁ **www.ireps.gov.in** ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଟିପ୍ପଣୀ: ସମସ୍ତ ଟେଣ୍ଡରରେ ଅ

ବୁଧବାର, ଫେବୃଆରୀ ୧୯, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ବାସୁଦେବପୁରରେ ଯୋଗ ଦେଲେ ନୂତନ ଏସ ଡି ପି ଓ ବିଚିତ୍ରାନନ୍ଦ ସେଠୀ

ବାସୁଦେବପୁର,୧୮।୦୨(ନି.ପ୍ର): ବାସୁଦେବପୁର ରେ ଆଜି ନୂତନ ଏସ ଡି ପି ଓ ବିଚିତ୍ରାନନ୍ଦ ସେଠୀ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ଶ୍ରୀ ସେଠୀ କଳାହାଣ୍ଡି ରେ ଡି ଏସ ପି ହେଡ କ୍ୱାଟର ରେ ଥିଲେ । ଏହା ପୂର୍ବରୁ ପୁରୀରେ ବାସେଲି ସାହି ଥାନା, କାକଟ ପୁର ଥାନା, ସମୁଦ୍ର ବେଳାଭୂମି ଥାନା, କୁମ୍ଭାର ପଡ଼ା ଥାନା, ଜଗତସିଂହପୁରର ଏରସମା ଥାନା, ଅଭୟଚାନ୍ଦପୁର ଥାନା ରେ ଥାନା ଅଧିକାରୀ ଭାବେ କାର୍ଯ୍ୟ କରି ଖୁବ୍ ଲୋକ ପ୍ରିୟତା ହାସଲ କରିଥଲେ । ଅତୀତରେ ସେ ଭୁବନେଶ୍ୱର ରେ କମିଶନରେଟ ପୋଲିସ କାର୍ଯ୍ୟାଳୟ ରେ କାର୍ଯ୍ୟ କରିଥଲେ । ତାଙ୍କର ଜନ୍ମ ସ୍ଥାନ କଟକ ଜିଲ୍ଲା ରେ । ଶ୍ରୀ ସେଠୀଙ୍କ ଶିକ୍ଷା ଗତ ଯୋଗ୍ୟତା ଏମ ଏ ଏମ ଫିଲ୍ ରାଜନୀତି ବିଜ୍ଞାନ ବିଭାଗ । ରେଭେନ୍ସା ବିଶ୍ୱ ବିଦ୍ୟାଳୟ ଓ ଉତ୍କଳ ବିଶ୍ୱ ବିଦ୍ୟାଳୟରେ ସେ ପାଠ ପଢ଼ିଛନ୍ତି । ପୋଲିସ ଚାକିରୀରେ ତାଙ୍କର ଦୀର୍ଘ ବାଇଶି ବର୍ଷର ଅଭିଜ୍ଞତା ରହିଛି । ନୂତନ ଭାବେ ଶ୍ରୀ ସେଠୀ ଦାୟିତ୍ୱ ଗ୍ରହଣ କରିବା ପରେ ବିଭିନ୍ନ ଅନୁଷ୍ଠାନ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ, ନାୟିକାଣିଡିହି ଥାନା ଅଧିକାରୀ ସଲଖାନ ମୁର୍ମୁ, କଶିଆ ମେରାଇନ୍ ଥାନା ଅଧିକାରୀ ସାବିତ୍ରୀ ପଣ୍ଡା, ଚୂଡ଼ାମଣି ମେରାଇନ୍ ଥାନା ଅଧିକାରୀ ବନାନୀ ବେହେରା, ବାସୁଦେବପୁର ପୋଲିସ୍ ଷ୍ଟାଫ୍ ପୁନମ ଦେବୀ ବେହେରା, ଭାଗ୍ୟଜିତ୍ ନାୟକ, ଏମ କେ ସିଂ, ଶୁଭେନ୍ଦୁ ମହାନ୍ତି, ଲକ୍ଷ୍ମୀକାନ୍ତ ଉପାଧ୍ୟାୟ, ସୁନ୍ଦର ମୋହନ ସୋରେନ, ରଞ୍ଜନ କୁମାର ଚକ୍ର ପ୍ରମୁଖ ଏସ ଡି ପି ଓ ଶ୍ରୀ ସେଠୀଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦ ଓ ସୁଦେଷ୍ଣା ଖବରକାଗଜ ମିଳିତ ଆନୁକୂଲ୍ୟରେ ତୃତୀୟ ବାର୍ଷିକ ଉତ୍ସବ ପାଳିତ

କଟକ,୧୮।୦୨(ନି.ପ୍ର):ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦ, ବାଇରୋଇ, ଫୁଲନଖରା, କଟକ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ସଭାପତି କୁମାରକବି ପ୍ରଶାନ୍ତ ବାହିନୀପତିଙ୍କ ଅନୁପସ୍ଥିତିରେ ନାଟ୍ୟକାର, ଗୀତିକାର, ନାଟ୍ୟ ନିର୍ଦ୍ଦେଶକ, କବି ଶ୍ରୀଯୁକ୍ତ ଅଜୟ କୁମାର ସେଠୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ବକ୍ତା ଭାବରେ ଜବାହର ଲାଲ ନେହୁରୁ ବିଶ୍ୱବିଦ୍ୟାଳୟ (ନୂଆଦିଲ୍ଲୀ) ପ୍ରଫେସର ଡକ୍ଟର ଉଦୟନାଥ ସାହୁ, ସମ୍ମାନିତ ବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ଶ୍ରୀଯୁକ୍ତ ଡକ୍ଟର ପୁରୁଷୋତ୍ତମ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଡ. ସାରଦା ପ୍ରସାଦ କର, ସଂସଦର ମୁଖ୍ୟ ଉପଦେଷ୍ଟା ଡକ୍ଟର ଲକ୍ଷ୍ମଣ ସାହୁ, ଉପଦେଷ୍ଟା ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ରାଉତରାୟ ଯୋଗଦାନ କରିଥିଲେ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କବି କବୟିତ୍ରୀ ଯୋଗଦାନ କରିଥିଲେ । ଡ. ବସନ୍ତ ମଞ୍ଜରୀ ଦାସ ମଞ୍ଚ ପରିଚାଳନା ଓ ସଂସଦର ମୁଖ୍ୟ ସଂପାଦକ କାବ୍ୟଭୂଷଣ ଶିବ ପ୍ରସାଦ ବାହିନୀପତି ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକୀୟ ବିବରଣୀ ପଠନ କରିଥିବା ବେଳେ ସୁଶ୍ରୀ କଳ୍ପନା ପଣ୍ଡା ସଂସଦର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରତିନିଧି ମାନସ କୁମାର ମାର୍ଥାଙ୍କ ସମେତ ସଂସଦର ସମସ୍ତ ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ । ଏଥିରେ ୭ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ କାର୍ଯ୍ୟକାରିଣୀ ସମ୍ପାଦିକା ସୁଶ୍ରୀ କଳ୍ପନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ରୂପସା ମହୋତ୍ସବ ଉଦଯାପନୀ ଉତ୍ସବ

ବସ୍ତା,୧୮।୦୨(ନି.ପ୍ର):ରୂପସା ପୋଡ଼ାଡିହା ଷ୍ଟାର କ୍ଲବ୍ ଆନୁକୂଲ୍ୟରେ ରୂପସା ମହୋତ୍ସବ ଉଦଯାପନୀ ହୋଇଯାଇଛି । ୧୦ ତାରିଖ ରୁ ୧୭ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଏହି ମହୋତ୍ସବ ଚାଲିଥିଲା । ଚଳିତ ବର୍ଷ ଲୋକ ଙ୍କ ମନ କିଣି ଥିଲା ଜଗତର ନାଥ ଜଗନ୍ନାଥଙ୍କ ୩୨ ବେଶ । ପ୍ରତ୍ୟେକ ଦିନ ସନ୍ଧ୍ୟାରେ କିଛି କିଛି ବିଦ୍ୱାନ ବ୍ୟକ୍ତି, ସମାଜ ସେବୀ, ରାଜନେତା, କବି ଓ ଗାଳ୍ପିକ ମାନଙ୍କୁ ନେଇ ସଭା କାର୍ଯ୍ୟ ଅନଷ୍ଠିତ ହେଇଥିଲା । ରାତିରେ ବିଭିନ୍ନ ପ୍ରକାରର ନୃତ୍ୟ, ମେଲୋଡି, ଭଜନ ସନ୍ଧ୍ୟା ପଗ୍ରକ୍ଷମ୍ ସମସ୍ତ ଦର୍ଶକଙ୍କ ମନ୍ ମୋହିଥିଲା । ମେଳା ରେ ବିଭିନ୍ନ ପ୍ରକାରର ଘୋରୋଇ ଉପକରଣ, ଖାଦ୍ୟ,ଲସି ମୋଟରସାଇକେଲ ଷ୍ଟଲ୍, ହରେକ୍ ମାଲ ଦୋକାନ, ଦୋଳି, ଚକ୍ରି ଆଦି ଏହି ମୀନା ବଜାର ର ଶୋଭା ପାଇଥିଲା । ରୂପସା ଅଞ୍ଚଳ ର କିଛି ପ୍ରତିଭା ଧାରି ବ୍ୟକ୍ତି ବିଶେଷ ଙ୍କୁ ସମ୍ବର୍ଦ୍ଧନା ମଧ୍ୟ କରାଯାଇଥିଲା । ୧୪ ତାରିଖ ଦିନ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶେଷ ସନ୍ଧ୍ୟାରେ କମିଟିର ଉପଦେଷ୍ଟା ପ୍ରଫୁଲ୍ଲ କୁମାର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ପୂର୍ବତନ ରାଜ୍ୟ ପଞ୍ଚାୟତ ସଂଘ ର ସମ୍ପାଦକ ଭଗବାନ ମହାପାତ୍ର, ମୁଖ୍ୟ ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭୀମ ଚରଣ ମାଝି, ସମ୍ମାନିତ ଅତିଥି ଭାବେ ମହୋତ୍ସବର ମୁଖ୍ୟ ପୃଷ୍ଠ ପୋଷକ ଶଚିନ୍ଦ୍ର ବେହେରା, ପ୍ରାକ୍ତନ କୃଷି ବୈ ଜ୍ଞା ନିକ ଅକ୍ଷୟ କୁମାର ମିଶ୍ର, ଯୁବ ସମାଜ ସେବୀ ରଞ୍ଜନ କୁମାର ଜେନା, ସଫଳ ବ୍ୟବସାୟୀ ଜଗଦୀଶ ବେହେରା, ବରିଷ୍ଠ ସମାଜ ସେବୀ ଉପସ୍ଥିତ ରହି ମହୋତ୍ସବ ଓ ବଡ ଠାକୁରଙ୍କ ୩୨ ବେଶ ଉପରେ ମତବ୍ୟକ୍ତ କରିଥିଲେ । ଶୋଳକ ପାଠ ଚକ୍ରଧର ଆଚାର୍ଯ୍ୟ କରିଥିବା ବେଳେ ଅତିଥି ପରିଚୟ ସମ୍ପାଦକ ଚନ୍ଦନ ଜେନା । ଡ଼ାକ୍ତର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ୧୮ ତାରିଖ ଦିନ ୩୨ ବେଶ୍ ଉପଲକ୍ଷେ ୫୦୦୦ ରୁ ଅଧିକ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଉକ୍ତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ କୁ କମିଟି ର କର୍ମକର୍ତ୍ତା, ଉପଦେଷ୍ଟା, ସଦସ୍ୟ ସଦସ୍ୟାଙ୍କ ସହ ରୂପସା ଅଞ୍ଚଳ ର କିଛି ବିଦ୍ୱାନ ବ୍ୟକ୍ତି,ପୋଲିସ ପ୍ରଶାସନ, ଦମକଳ ବାହୀନି, ସ୍ୱାସ୍ଥ୍ୟ କେନ୍ଦ୍ର ଟିମ୍ ବିଶେଷ ଭାବେ ପରିଚାଳିତ ।

ସାଂସ୍କୃତିକ ଅନୁଷ୍ଠାନ ସ୍ୱରସୁଧାର୍ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୮।୦୨(ନି.ପ୍ର):ନିକଟରେ ସାଂସ୍କୃତିକ ଅନୁଷ୍ଠାନ ସ୍ୱରସୁଧାର୍ ବାର୍ଷିକ ଉତ୍ସବ ତଥା ଶିଳ୍ପୀ ସମ୍ବର୍ଦ୍ଧନା ସମାରୋହ ବୁଦ୍ଧ ମନ୍ଦିର ପରିସରରେ ସଭାପତି ଡ. ରଜନୀ ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ଷ୍ଟ ବିଶିଷ୍ଟ ସାମ୍ବାଦିକ ତଥା ପୂର୍ବତନ ସୂଚନା କମିଶନର୍ ଦିଲ୍ଲୀପ ବିଷୋୟୀ ମୁଖ୍ୟ ଅତିଥି ଭାବରେ ଏବଂ ଓଡ଼ିଶା ମିରର ର ସମ୍ପାଦକ ଦିଲ୍ଲୀପ ବିଶ୍ୱାଳ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସମ୍ପାଦକ ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷନ ପ୍ରଦାନ କରିଥିଲେ । ଏହି ଅବସରରେ ବିଶିଷ୍ଟ ସଙ୍ଗୀତ ଗୁରୁ ଶ୍ରୀ କେଶବ ରାଉତ, ଅଭିନେତ୍ରୀ ତଥା ଓଡ଼ିଶୀ ନୃତ୍ୟଗୁରୁ ପ୍ରତିଭା ପଣ୍ଡା, ବାଦ୍ୟଶିଳ୍ପୀ ଶରତ ରଥ, କଣ୍ଠଶିଳ୍ପୀ ପଦ୍ମଜା ଦାସ,ଶରତ ବାରିକ ଏବଂ ଚିତ୍ରଶିଳ୍ପୀ ଜନାର୍ଦ୍ଦନ ପରମଗୁରୁ ପ୍ରମୁଖ ଙ୍କୁ ବିଭିନ୍ନ ଉପାଧି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପରିଶେଷରେ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ଜାମୁଡ଼ିହାଠାରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ

ନୀଳଗିରି,୧୮।୦୨(ନି.ପ୍ର): ନୀଳଗିରି ବ୍ଲକ ଜାମୁଡିହା ଖେଳପଡିଆ ଠାରେ ବୀଣାପାଣି କ୍ଲବ୍ ଆନୁକୂଲ୍ୟରେ ଗତ ୧୬ତାରିଖ ୪୭ତମ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉଦ୍ଘାଟନୀ କାର୍ଯ୍ୟକ୍ରମରେ ବାବା ପଞ୍ଚଲିଙ୍ଗେଶ୍ୱର ଡିଗ୍ରୀ ମହା ବିଦ୍ୟାଳୟର ଅଧ୍ୟାପକ ତ୍ରିଲୋଚନ ବାରିକ ଏବଂ ସୁରେନ୍ଦ୍ର ନାୟକ ଉଭୟ ପତାକା ଉତ୍ତୋଳନ କରିଥିଲେ । ଅପରାହ୍ନ ୪.୩୦ ସମୟରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ରବିନାରାୟଣ ପରିଡା, ସମ୍ମାନିତଅତିଥି ଭାବେ ଅଧ୍ୟାପକ ତ୍ରିଲୋଚନ ବାରିକ ଏବଂ ଏମ. ଆଇ ଏସଡିଓ ନିଶାରି ଚରଣ ନାୟକ, ସ୍ଥାନୀୟ ସରପଞ୍ଚ ଏବଂ ସମିତିସଭ୍ୟ ଯୋଗଦେଇ ଉତ୍ସବର ମହିମାମଣ୍ଡନ କରିଥିଲେ । ପରେ ଉକ୍ତ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ମୁଖ୍ୟଅତିଥି ଶ୍ରୀଯୁକ୍ତ ଖଟୁଆ ୩୦ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିବା ବେଳେ ଉପବିଜେତା ଦଳକୁ ମୁଖ୍ୟବକ୍ତା ଶ୍ରୀଯୁକ୍ତ ପରିଡା ୨୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ସମାବେଶରେ ବିଧାୟକ ଶ୍ରୀଯୁକ୍ତ ଖଟୁଆ ଉକ୍ତ ଖେଳପଡିଆର ଆନୁଷଙ୍ଗିକ ଉନ୍ନତିକରଣ କରିବା ସହିତ ଗୋଡିଶୁଳ ଠାରେ ୧୮କୋଟି ବ୍ୟୟରେ ଏକ ଷ୍ଟାଡିୟମ ନିର୍ମାଣ କରିବାର ପ୍ରତିଶ୍ରୁତି ଦେଇଥିଲେ । ଫୁଟବଲ ପ୍ରତିଯୋଗିତାର ସମସ୍ତ ମ୍ୟାଚକୁ ରତନ ସ୍ୱାଇଁ, ସନ୍ତୋଷ ଏବଂ ବାପି ପରିଚାଳନା କରିଥିବା ବେଳେ ସ୍ଥାନୀୟ ଉଦୀୟମାନଯୁବକ ଟୁନା ମହାପାତ୍ର ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ । କ୍ଲବ୍ ସଦସ୍ୟ ଟୁଣିଆ ସ୍ୱାଇଁ, ବାବୁ ସ୍ୱାଇଁ, ପର୍ଶୁରାମ ପରିଡା, କାର୍ତ୍ତିକ ଚନ୍ଦ୍ର ରାଉତ, ଟିକୁ ସାହୁ, ଉମେଶ ସାହୁ, ରାମକୃଷ୍ଣ ମହାପାତ୍ର, ସଞ୍ଜୁ ଘୋଷ, ଅଶୋକ ନାୟକ, ଦୀପକ ଘୋଷ, ନୀଳମାଧବ, ରବିନ ସ୍ୱାଇଁ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ସାମିଲହୋଇ ସହଯୋଗ କରିଥିଲେ ।

ଭିନ୍ନକ୍ଷମ ବୃଦ୍ଧା ଗାଡିଆରେ ପଡ଼ି ମୃତ

ନୀଳଗିରି,୧୮।୦୨(ନି.ପ୍ର):ନୀଳଗିରି ଥାନା ଔପଦା ବ୍ଲକ ଦକ୍ଷିଣନରସିଂହପୁର ପଂଚାୟତ ଚଷାଖଣ୍ଡ ନିକଟସ୍ଥ ବାଇଗଡ଼ିଆ ଗ୍ରାମର ଜଣେ ଭିନ୍ନକ୍ଷମ ମହିଳା ଗଡ଼ିଆରେ ପଡି ମୃତ୍ୟୁବରଣ କରିଥିବା ଜଣାଯାଇଛି । ସୂଚନା ମୁତାବକ ଉକ୍ତ ଗ୍ରାମର ଗଣନାଥ ସିଂଙ୍କ ଭିନ୍ନକ୍ଷମ ସ୍ତ୍ରୀ ସାବିତ୍ରୀ (୬୨) ଅପରାହ୍ନ ପ୍ରାୟ ୧.୩୦ମିନିଟ ସମୟରେ ଘରପାଖ ଗଡିଆକୁ ଯାଇଥିବା ବେଳେ କୋଣସି କାରଣରୁ ଗୋଡ଼ ଖସିଯିବାରୁ ଗାଡ଼ିଆରେ ପଡିଯାଇଥିଲେ ।ପରିବାରଲୋକ ତାଙ୍କୁ ଉଦ୍ଧାରକଲା ବେଳକୁ ତାଙ୍କର ଜୀବନ ଚାଲିଯାଇଥିଲା । ଖବରପାଇ ସ୍ଥାନୀୟ ସରପଞ୍ଚ ଅଶୋକ କୁମାର ଜେନା ନୀଳଗିରି ତହସିଲରେ ଅବଗତ କରାଇବା ପରେ ରାଜସ୍ୱ ନିରୀକ୍ଷକ ପହଂଚି ତଦନ୍ତକରିବା ସହିତ ମୃତ ମହିଳାଙ୍କ ମରଶରୀରକୁ ବ୍ୟବଚ୍ଛେଦ ପାଇଁ ନୀଳଗିରି ଡାକ୍ତରଖାନାକୁ ପଠାଇଥିବା ସୂଚନା ମିଳିଛି ।

ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ବାଲ୍ୟବିବାହ ସମ୍ପର୍କିତ ଆଲୋଚନାଚକ୍ର

ଭଦ୍ରକ,୧୮।୦୨(ନି.ପ୍ର): ପୁରୁଣା ବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ବାଲ୍ୟବିବାହ ଓ ଯୌନ ନିର୍ଯ୍ୟାତନା ସମ୍ପର୍କିତ ଆଲୋଚନା ଚକ୍ର ମହାବିଦ୍ୟାଳୟର ଅଧ୍ୟକ୍ଷଃ ଡଃ ନିତ୍ୟାନନ୍ଦ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ଆଲୋଚନ ।ଚକ୍ରରେ ଡଃ କୃପାସିନ୍ଧୁ ନାୟକ ମୁଖ୍ୟଅତିଥି, ମୁଖ୍ୟବକ୍ତା ଡଃ ପ୍ରମୋଦ କୁମାର ନାୟକ ଓ ସମ୍ମାନିତ ଅତିଥିଭାବେ ଶ୍ରୀ ଅକ୍ଷୟ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଆଗକାଳରୁ ବାଲ୍ୟବିବାହ ପ୍ରଥା ତଥା ଆଜିକାର ବାଲ୍ୟବିବାହ ପ୍ରଥା ଓ ଯୌନ ନିର୍ଯ୍ୟାତନା ସଂପର୍କରେ ଭିନ୍ନ ଭିନ୍ନ ମତ ରଖିଥିଲେ । ଏହି ଆଲୋଚନା ଚକ୍ରରେ ସଂଯୋଜକ ଅଧ୍ୟାପକ ଶୁକଦେବ ପଣ୍ଡା ସ୍ୱାଗତ ଭାଷଣ ଦେବା ସଂଗେ ସଂଗେ ଶ୍ରୀମତୀ ମଞ୍ଜୁଲତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀମାନେ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି ନିଜର ସ୍ୱ ସ୍ୱ ମତାମତ ଉପସ୍ଥାପନ କରିଥିଲେ ଏବଂ ମଧୁସୂଦନ ତ୍ରିପାଠୀ, ରଘୁନାଥ ନାୟକ ଓ ଗୌରାଙ୍ଗ ଚରଣ ଦାସ ପ୍ରମୁଖ ସହଯୋଗ କରିଥିଲେ ।

ଅଦିନିଆ ବର୍ଷାକୁ ଦୃଷ୍ଟିରେ ରଖି ଚାଷୀ ସଚେତନତା ରଥ ଉଦଘାଟିତ

ଆଠଗଡ,୧୮।୦୨(ନି.ପ୍ର):ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଆଗାମୀ ୧୯ ତାରିଖ ବୁଧବାରଠାରୁ ୩/୪ ଦିନ ଓଡ଼ିଶାରେ ବର୍ଷା ହେବ । ଏହାକୁ ଦୃଷ୍ଟିରେ ରଖି ଚାଷୀମାନଙ୍କୁ ସଚେତନ କରିବା ଲାଗି ମଙ୍ଗଳବାର ଏକ ସଚେତନତା ରଥକୁ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ଦ୍ୱାରା ତାଙ୍କ କାର୍ଯ୍ୟାଳୟ ପରିସରରେ ଉଦଘାଟିତ ହୋଇଯାଇଛି । ଧାନ ମଣ୍ଡିରେ ଗଚ୍ଛିତ ଧାନ ବର୍ଷା ପ୍ରଭାବରୁ ସୁରକ୍ଷିତ ରଖିବା ପାଇଁ ଚାଷୀମାନେ ପଦକ୍ଷେପ ନେବା ସହିତ ଖରାଟିଆ ଡାଲି, ତୈଳବୀଜ ଫସଲ ଓ ପନିପରିବା ଆଦି ବୁଣାବୁଣି କାର୍ଯ୍ୟ ସାମୟିକ ସ୍ଥଗିତ ରଖିବା, ଫସଲରେ କୀଟନାଶକ ଔଷଧ ଓ ସାର ପ୍ରୟୋଗ ବନ୍ଦ କରିବା ପାଇଁ ଏହି ରଥ ମାଧ୍ୟମରେ ସଚେତନତା କରାଯାଉଛି । ଏହି ସଚେତନତା ରଥ ଉପଖଣ୍ଡର ସମସ୍ତ ପଞ୍ଚାୟତ ପରିଭ୍ରମଣ କରି ଚାଷୀମାନଙ୍କୁ ସଚେତନ କରାଇବ । ନରସିଂହପୁର ନିୟନ୍ତ୍ରିତ ବଜାର କମିଟିର ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ଡେପୁଟି କଲେକ୍ଟର ଅଭିସ୍ମା ମହାନ୍ତି, ନିୟନ୍ତ୍ରିତ ବଜାର କମିଟିର ସଂପାଦକ ରାମନାରାୟଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

ଜଳେଶ୍ୱର ବ୍ଲକରେ ସବାଇ ଘାସ ଉତ୍ପାଦନ ଏବଂ ଟ୍ରେନିଂ କେନ୍ଦ୍ର ଉଦ୍ଘାଟିତ

ବାଲେଶ୍ୱର,୧୮।୦୨(ନି.ପ୍ର): ଦୈନନ୍ଦିନ ଜୀବନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକାରର ଫୁଲ ପାଛିଆ, ପେନଷ୍ଟାଣ୍ଡ, ହାତ ତିଆରି ହ୍ୟାଣ୍ଡ ପର୍ସ, ଫଳ, ଫୁଲ ଡାଲା ବିଭିନ୍ନ ପ୍ରକାର ଘର ସଜା ସାମଗ୍ରୀ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ତିଆରି କରି ମହିଳାମାନେ ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ପାଇଁ ଚେଷ୍ଟା ରଖିବା ଉଦ୍ଦେଶ୍ୟରେ ଓରମାସ ସହାୟତାରେ ବାଲେଶ୍ୱର ଜିଲ୍ଲାସ୍ଥିତ ଜଳେଶ୍ୱର ବ୍ଲକର ସର୍ଦାରବନ୍ଧ ଗ୍ରାମପଞ୍ଚାୟତରେ ସବାଇ ଘାସ ଉତ୍ପାଦନ ଏବଂ ଟ୍ରେନିଂ କେନ୍ଦ୍ରର ଶୁଭ ଉଦଘାଟନ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଦ୍ୱାରା ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦର ଉପାଧ୍ୟକ୍ଷା ଶ୍ରୀମତୀ ଅନୁସୂୟା ପ୍ରଧାନ, ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ମାନସ ଜେନା, ବ୍ଲକ ଉନ୍ନୟନ ଅଧିକାରୀ ଶ୍ରୀ ଗୌରାଙ୍ଗ ଘୋଷ, ଡେପୁଟି ସିଇଓ, ଓରମାସ ଶ୍ରୀ ଶାନ୍ତନୁ ବାନାର୍ଜୀ, ଡିପିସି ମିଶନ ଶକ୍ତି ଶ୍ରୀ କାର୍ତ୍ତିକ ନାୟକ, ପଞ୍ଚାୟତ ସମିତି ସଭ୍ୟ ଓ ସର୍ଦାରବନ୍ଧ ପଞ୍ଚାୟତର ସରପଞ୍ଚ ଏବଂ ମିଶନ ଶକ୍ତି ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଟ୍ରେନିଂ ପ୍ରୋଗ୍ରାମ ୨ ମାସ ଧରି ଚାଲୁ ରହିଥିବା ବେଳେ ଏହା ଦ୍ୱାରା ୬ ଗୋଟି ଉତ୍ପାଦିକା ଗୋଷ୍ଠୀର ୧୮୦ ରୁ ୨୦୦ ମହିଳା ସ୍ୱାବଲମ୍ବୀ ହୋଇ ପାରିଛନ୍ତି ।

ଖାଦ୍ୟ ଓ ସାମାଜିକ ସୁରକ୍ଷା ସବୁକିଛିରୁ ବଂଚିତ ବିଧବା ମା' 'ଗାଙ୍ଗି'

ଉଦଳା,୧୮/୦୨ (ନି.ପ୍ର)- ଯେ ହେଉଛି ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ବଡ଼ଶୋଳ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ମୋହନ ଚରଣ ସିଂଙ୍କର ଦେହାନ୍ତ ହୋଇଯିବା ଫଳରେ ତାଙ୍କର ସହଧର୍ମିଣୀ ଗାଙ୍ଗି ସିଂ ବିଧବା ଜୀବନ ବିତାଇବା ସାଙ୍ଗକୁ ଦିନ ମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି। ଗ୍ରାମବାସିଙ୍କର କହିବା ଅନୁସା